ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୬ ମାର୍ଚ୍ଚ, ୨୦୨୨



## ବେକରେ ଚୁନି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ:** ରାଉରକେଲା ଝିରପାଣି ଥାନା ଅନ୍ତର୍ଗତ ମସଜିଦ ବସ୍ତି ଅଞ୍ଚଳର ଜଣେ ବ୍ୟକ୍ତି ବେକରେ ଚୁନି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ରୋଶନ ଆନସାରୀ(୪୫)। ଖବର ପାଇ ପୋଲିସ ମୃତଦେହ ଜବତ କରି ଏକ ମାମଲା (ନଂ.୧/୨୨) ରୁଜୁ କରିଛି। ରୋଶନ ଶନିବାର ଭୋର୍ ସାଢ଼େ ୪ଟା ସମୟରେ ଶୋଇବା ଘର ଆଜବେଷ୍ଟସ ଲୁହା ପାଇପରେ ଏକ ଚୁନି ବାନ୍ଧି ବେକରେ ଗୁଡ଼ାଇ ଝୁଲି ପଡିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- କୁଲତା ସମାଜର ବାର୍ଷିକ ବନ୍ଧୁମିଳନ ଓ ରାମଚଣ୍ଡୀ ପୂଜା, ଦାନୀପାଲି ରାମଚଣ୍ଡୀ ସେବା ସଦନ, ସକାଳ ୮ଟା।
- ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ସକାଶେ ସୂର୍ଯ୍ୟ ଓ ଧେନୁ ପୂଜା, ବୁର୍ଲା ଜଗନ୍ନାଥ ମନ୍ଦିର, ସକାଳ ୮ଟା।
- ତୃତୀୟ ସମ୍ବଲପୁର କ୍ଲବ ପ୍ରିମିୟର ଲିଗ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ପୂର୍ବାହ୍ନ ୯ଟା।
- ରଜତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ଧନକଉଡା ମିନି ଷ୍ଟାଡିୟମ, ଅପରାହ୍ନ ୨ଟା।
- ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆୟୋଜିତ କାର୍ଯ୍ୟକ୍ରମ, କ୍ଷେତରାଜପୁର ମୁଙ୍ଗାପଡ଼ା ପଡ଼ିଆ, ସନ୍ଧ୍ୟା ସାଢ଼େ ୫ଟା।

# ୨ କୋଠରିରେ ୫ ଶ୍ରେଣୀର ୮୪ ଛାତ୍ରୀଛାତ୍ର

### କୁଞ୍ଜାମୁରା ପ୍ରାଥମିକ ବିଦ୍ୟାଳୟ

**ନାକଟିଦେଉଳ,୫।୩ (ଡି.ଏନ୍.ଏ.)**

ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ଏମିତି ଅନେକ ସ୍କୁଲ ରହିଛି ଯେଉଁଠି ଶ୍ରେଣୀ କୋଠରି ଓ ଶିକ୍ଷକ ଅଭାବ ଭଳି ସମସ୍ୟା ଲାଗିରହିଛି। ଏପରି ଏକ ସ୍କୁଲ ହେଉଛି ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତର କୁଞ୍ଜାମୁରା ସରକାରୀ ପ୍ରାଥମିକ ବିଦ୍ୟାଳୟ। ୧୯୬୯ରେ ସ୍ଥାପିତ ଏହି ବିଦ୍ୟାଳୟରେ ବର୍ତ୍ତମାନ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୮୪ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ୫ ଶ୍ରେଣୀକୁ ୪ଜଣ ଶିକ୍ଷକ ଥିବାବେଳେ ୨ଟି ଶ୍ରେଣୀ କୋଠରୀ ରହିଛି। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ୩୯ ଛାତ୍ରୀଛାତ୍ର ଗୋଟିଏ କୋଠରିରେ ବସୁଥିବା ବେଳେ ତୃତୀୟ, ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ୪୫ ଛାତ୍ରୀଛାତ୍ର ଗୋଟିଏ କୋଠରୀରେ ଏକାଠି ବସି ପାଠ ପଢୁଛନ୍ତି। ଏପରି କି ଛାତ୍ରୀଛାତ୍ର ବାରଣ୍ଡାରେ ବସି ପଢୁଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ଗୋଟିଏ ପରିସରରେ ଥିବା ଶତପ୍ରତିଶତ ବ୍ଲକ ଗ୍ରାଣ୍ଟର ୬ଷ୍ଠ ଓ ୭ମ ଶ୍ରେଣୀର ଛାତ୍ରୀଛାତ୍ର ପ୍ରାଥମିକ ବିଦ୍ୟାଳୟର ଏକମାତ୍ର ଶୌଚାଳୟକୁ ବ୍ୟବହାର କରୁଥିବାରୁ ଅନେକ ସମୟରେ ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟରେ ପାନୀୟ ଜଳର ସୁବିଧା ଥିଲେ ମଧ୍ୟ ପାଣିଟାଙ୍କି ବ୍ୟବସ୍ଥା ନାହିଁ। ଏ ସମ୍ପର୍କରେ ଗ୍ରାମ୍ୟ ଶିକ୍ଷା କମିଟି ପକ୍ଷରୁ ବିଭିନ୍ନ ସମୟରେ ସମ୍ବଲପୁର ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ, ବିଡ଼ିଓ, ସ୍ଥାନୀୟ ସରପଞ୍ଚ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ଏହାର ସମାଧାନ ହୋଇନାହିଁ। ଫଳରେ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ସମସ୍ୟା ଶୀଘ୍ର ସମାଧାନ କରା ନ ଗଲେ ଆଗାମୀ ଦିନରେ ଛାତ୍ରୀଛାତ୍ର, ବୁଦ୍ଧିଜୀବୀଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ କୁମାର ରାଉତ, ସଦସ୍ୟ ସରୋଜ ଦାଶ ପ୍ରମୁଖ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ପୂର୍ବରୁ ଶିକ୍ଷା ବିଭାଗକୁ ଅନୁଦାନ ଆସୁଥିଲା। କିନ୍ତୁ ବର୍ତ୍ତମାନ ସରକାର ଏହି ଅନୁଦାନ ପଞ୍ଚାୟତକୁ ହସ୍ତାନ୍ତର କରୁଛନ୍ତି। ତେଣୁ ପଞ୍ଚାୟତର ସରପଞ୍ଚ କିମ୍ବା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପଦକ୍ଷେପ ନେଇ ଏହାର ସମାଧାନ କରିପାରିବେ।



ସ୍କୁଲ ବାରଣ୍ଡାରେ ବସି ପଢୁଛନ୍ତି ଛାତ୍ରୀଛାତ୍ର।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନାବାଳକ ମୃତ

**ଲହୁଣୀପଡ଼ା,୫।୩ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ଗାଉଡୁଣି ପୋଷ ଗ୍ରାମର ଜଣେ ନାବାଳକ ଗଛରେ ଚଢ଼ି ଶନିବାର ଅପରାହ୍ନ ପ୍ରାୟ ୩ଟାରେ ଡାଳ କାଟୁଥିବାବେଳେ ଇଲେଭେନ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଗାଉଡୁଣି ପୋଷ ଗ୍ରାମର ସ୍ୱର୍ଗତ ସାକାରୀ ମୁଣ୍ଡାଙ୍କ ପୁଅ ନିରୋଜ (୧୦) ନିକଟସ୍ଥ ଜଙ୍ଗଲକୁ ଘର ପାଇଁ ଡାଳ କାଟିବାକୁ ଯାଇଥିଲେ। ଡାଳ କାଟିବା ପାଇଁ ଗଛରେ ଚଢିଥିବାବେଳେ ଗଛ ପାଖରେ ଯାଇଥିବା ଇଲେଭେନ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ନିରୋଜ ଗଛରୁ ତଳକୁ ଖସି ପଡିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଚିକିତ୍ସା ପାଇଁ ଲହୁଣୀପଡ଼ା ଡାକ୍ତରଖାନାରେ ପହଞ୍ଚାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

# ତାଳଚେର ସହରକୁ ବିକଶିତ କରିବ ଏମ୍‌ସିଏଲ୍

**ସମ୍ବଲପୁର, ୫।୩(ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ(ଏମ୍‌ସିଏଲ୍) ତାଳଚେର ସହରକୁ ବିକଶିତ କରିବା ଲାଗି ଯୋଜନା ପ୍ରସ୍ତୁତ କରୁଛି। ଖଡଗପୁରସ୍ଥିତ ଆଇଆଇଟି ସହଯୋଗରେ କମ୍ପାନୀ ଏହି କାର୍ଯ୍ୟ କରିବ। ପରିବହନ, ସ୍ଥିରତା, ଜନସାଧାରଣଙ୍କ ସୁବିଧା, ସୌନ୍ଦର୍ଯ୍ୟକରଣ, ପରିବେଶ ପରିଷ୍କାର ଦିଗରେ କାର୍ଯ୍ୟ କରିବାକୁ ଯୋଜନା ରହିଛି। ଏ ନେଇ ଶନିବାର ଏମ୍‌ସିଏଲ୍ ମୁଖ୍ୟାଳୟରେ ସୂଚନା ଓ ଜନସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ ବିବୃତିରେ ସୂଚିତ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି, ତାଳଚେରକୁ ଓଡିଶାର କଳା ହୀରାର ସହର କୁହାଯାଏ। ଏଠାରେ ଦେଶର ସବୁଠାରୁ ବଡ କୋଇଲା ଖଣି ରହିଛି। ଏମ୍‌ସିଏଲ୍ ଉତ୍ପାଦନରେ ମୋଟ ୬୦ପ୍ରତିଶତ ତାଳଚେର ଖଣିର ଯୋଗଦାନ ରହିଛି। ଦେଶ ସକାଶେ ଶକ୍ତି ନିରାପତ୍ତା ସୁନିଶ୍ଚିତ କରିବାରେ ତାଳଚେର ସହରର ପ୍ରମୁଖ ଭୂମିକା ରହିଛି।

## ସଂକ୍ଷେପରେ

### ମାରପିଟ ଅଭିଯୋଗରେ ୨ କୋର୍ଟ ଚାଲାଣ



**ଜମନକିରା, ୫।୩ (ଡି.ଏନ.ଏ.):** ମାରପିଟ ଅଭିଯୋଗରେ ଜମନକିରା ଥାନା ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଜଗନ୍ନାଥପଡ଼ାର ଲିଗନ ନାଏକ (୨୯) ଓ ରାଧାକୃଷ୍ଣପଡ଼ାର ସୁଜିତ ରାମଛୁରିଆ (୨୩)। ପୋଲିସ ସୂଚନା ଅନୁଯାୟୀ, ଜମନକିରା ହନୁମାନପଡ଼ାର ଦୀପକ ଖୁଣ୍ଟିଆ (୨୭) ଶୁକ୍ରବାର ଭଡ଼ା ପାଇଁ ନିଜ ଅଟୋରେ ଯାଉଥିବା ବେଳେ ଜମନକିରା ମୁଖ୍ୟଛକରେ ଲିଗନ ଓ ସୁଜିତ ତାଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ସେମାନେ ଦୀପକଙ୍କୁ ଛୁରି ଦେଖାଇ ମାରପିଟ କରିଥିଲେ। ଏଥିରେ ଦୀପକ ଗୁରୁତର ହେବାରୁ ସ୍ଥାନୀୟ ଦୋକାନୀ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ପରେ ଦୀପକ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା (ନଂ.୨୨/୨୨) ରୁଜୁ କରି ତଦନ୍ତ ଚଳାଇଥିଲା।

### ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ ଆଲୋଚନାଚକ୍ର

**ସମ୍ବଲପୁର,୫।୩(ବ୍ୟୁରୋ):** ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ସରକାରୀ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ସଭାକକ୍ଷଠାରେ ଅଧକ୍ଷ ଡ. ଦୁର୍ଲ୍ଲଭ ସାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ଡ. ରଘୁମଣୀ ନାୟକ, ଅଧାପକ ହରିହର ମଲ୍ଲିକ, ଅଧାପିକା ମେଞ୍ଜା ପୂର୍ତ୍ତି ବକ୍ତା ଭାବେ ଯୋଗଦେଇ ଓଡିଆ ସାହିତ୍ୟର ଭବିଷ୍ୟତ ବିଷୟରେ ଆଲୋଚନା କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ ଡ. ଶ୍ୟାମ ଭୋଇ ଉପନ୍ୟାସ ସାହିତ୍ୟ ଓ ଫକିରମୋହନଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଛାତ୍ର ଶୋଭନ ବେହେରା ଉପନ୍ୟାସ ସାହିତ୍ରର ସଜ୍ଞା ଓ କ୍ରମବିକାଶ ବିଷୟରେ ପ୍ରବନ୍ଧ ପାଠ କରିଥିଲେ। ଛାତ୍ରୀ ମାମାଲି ମହାପାତ୍ର ଫକିରମୋହନଙ୍କ ଛମାଣ ଆଠଗୁଣ୍ଠ ଉପନ୍ୟାସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଓଡିଆ ଅଧାପିକା ଶ୍ରଦ୍ଧାମୟୀ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇନଜୀବୀଙ୍କ ରହିଥାଏ ସଂଗ୍ରାମୀ ଚିନ୍ତାଧାରା

**ସମ୍ବଲପୁର,୫।୩(ବ୍ୟୁରୋ)**

ଆଇନଜୀବୀଙ୍କ ସଂଗ୍ରାମୀ ଚିନ୍ତାଧାରା ଥିବା ପୂର୍ବରୁ ଅନେକ ଉଦାହରଣ ରହିଛି। ମହାତ୍ମା ଗାନ୍ଧୀ, ଡ. ରାଜେନ୍ଦ୍ର ପ୍ରାସାଦ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ବାବା ସାହେବ ଡ. ବିଆର୍ ଆମ୍ବେଡକର, ମୋତିଲାଲ ନେହେରୁ, ମଧୁସୂଦନ ଦାସ, ଚନ୍ଦ୍ରଶେଖର ବେହେରାଙ୍କ ଭଳି ଅନେକ ସ୍ୱାଧୀନତା ସଂଗ୍ରାମୀ ଆଇନଜୀବୀ ଥିଲେ। ଅନ୍ୟାୟ, ସରକାର ବିରୋଧରେ ଲଢେଇ କରିବାକୁ ହେଲେ ନିଜର ଅଧିକାର ଓ ସୁରକ୍ଷାକୁ ନେଇ କ'ଣ ନିୟମ ରହିଛି ଜାଣିବାକୁ ହୋଇଥାଏ। ତେଣୁ ଆଇନଜୀବୀଙ୍କୁ ସ୍ୱର ଉତ୍ତୋଳନ କରିବାରେ ସହଜ ହେଉଥିଲା ବୋଲି ରବିବାର ସମ୍ବଲପୁର ଗସ୍ତରେ ଆସି ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଏସ୍. ମୁରଲୀଧର କହିଥିଲେ। ସ୍ୱାଧୀନତା ସଂଗ୍ରାମୀ ତଥା ଜିଲା ଓକିଲ ସଂଘର ପ୍ରତିଷ୍ଠାତା ଚନ୍ଦ୍ରଶେଖର ବେହେରାଙ୍କ ୧୫୦ତମ ଜୟନ୍ତୀ ଉତ୍ସବରେ ଯୋଗଦେଇ ସେ କହିଥିଲେ, ଇତିହାସ ଦେଖିଲେ ଆମେ ଜାଣିବା ଯେ ସ୍ୱାଧୀନତା ସଂଗ୍ରାମୀମାନେ ବ୍ୟକ୍ତିଗତ, ସାମୂହିକ ସମସ୍ୟା ଯୋଗୁ ଓକିଲାତି ଛାଡି ଲଢେଇ କରିଥିଲେ। ଆଜି ସେମାନେ ବିଶ୍ୱରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସମ୍ବଲପୁରରେ ଚନ୍ଦ୍ରଶେଖର ବେହେରା ମଧ୍ୟ ଅନ୍ୟତମ। ଏବେ ଆଇନସେବା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଇ-କୋର୍ଟ ବ୍ୟବସ୍ଥା ଲାଗୁ କରାଯାଇଛି। ସମ୍ବଲପୁର କିମ୍ବା କୌଣସି ସ୍ଥାନରେ ବସି ଜଣେ ଓକିଲ କୋର୍ଟରେ ଆପିୟର କରିପାରିବେ। ଏଥିରେ ସମୟ, ଅର୍ଥ ବଞ୍ଚିବା ସହ ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଇ ଲାଇବ୍ରେରୀ ବ୍ୟବସ୍ଥା ଯୋଗୁ ଆଇନଜୀବୀମାନେ ସହଜରେ ଯେକୌଣସି ତଥ୍ୟ ଜାଣିପାରୁ ବୋଲି କହିଥିଲେ। ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସାଧାରଣ ସମ୍ପାଦକ ରବିରଞ୍ଜନ ପୂଜାରୀ ଚନ୍ଦ୍ରଶେଖର ବେହେରାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଉପସଭାପତି ଚନ୍ଦ୍ରକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।





ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ସ୍ୱାଗତ କରାଯାଉଛି ।

# ଝାରସୁଗୁଡ଼ା ବିମାନ ବନ୍ଦରରେ ୟୁକ୍ରେନ୍ ଫେରନ୍ତା ଛାତ୍ରୀଛାତ୍ର



ଭିଏସ୍ଏସ୍ ବିମାନ ବନ୍ଦରରେ ଅଭିଭାବକଙ୍କ ସହିତ ୟୁକ୍ରେନ ଫେରନ୍ତା ଛାତ୍ରୀଛାତ୍ର।

**ଝାରସୁଗୁଡ଼ା ଅଫିସ,୫।୩**

ୟୁକ୍ରେନରେ ଫଶିରହିଥିବା ଓଡ଼ିଶାର ଛାତ୍ରୀଛାତ୍ର ବିମାନ ଯୋଗେ ଦିଲ୍ଲୀଦେଇ ଝାରସୁଗୁଡ଼ା ଭିଏସ୍ଏସ୍ ବିମାନ ବନ୍ଦରରେ ପହଞ୍ଚିବାରେ ଲାଗିଛନ୍ତି। ଅପେକ୍ଷାରତ ଅଭିଭାବକ ପିଲାମାନଙ୍କୁ ଦେଖି ଭାବବିହ୍ୱଳ ହୋଇପଡୁଥିବା ଦେଖିବାକୁ ମିଳୁଛି। ଫେରୁଥିବା ଛାତ୍ରୀଛାତ୍ରଙ୍କୁ ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱାଗତ କରାଯିବା ସହ ସେମାନଙ୍କ ସବିଶେଷ ତଥ୍ୟ ସଂଗ୍ରହ କରାଯାଉଛି। ଗତ ଶୁକ୍ରବାର ସୁଦ୍ଧା ୧୬ ଛାତ୍ରୀଛାତ୍ର ଦିଲ୍ଲୀରୁ ଆସି ଝାରସୁଗୁଡା ବିମାନ ବନ୍ଦରରେ ପହଞ୍ଚିଥିଲେ। ଶନିବାର ଆଉ ୭ ଛାତ୍ରୀଛାତ୍ର ପହଞ୍ଚିଛନ୍ତି। ସେମାନେ ଝାରସୁଗୁଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାର। ଏମାନଙ୍କ ମଧ୍ୟରେ ଝାରସୁଗୁଡ଼ା ରେଲୱେ କଲୋନୀର କୁମାର ରାହୁଲ, ବନ୍ଧବାହାଲ କଲୋନୀର ସ୍ମୃତିଶିକ୍ତା ବେହେରା, ସମ୍ବଲପୁର ଜିଲା କୁଚିଣ୍ଡାର ଅଜିତ କୁମାର ସାହୁ, ବୁର୍ଲାର ଜାଭିଜ୍ ଯାମା, ସୁନ୍ଦରଗଡ଼ ଜିଲା ତଳସରାର ଅଜମଲ୍ଲ ହୁସେନ୍, କୁଆଁରମୁଣ୍ଡାର ସ୍ୱରାଜ ମିଶ୍ର, ସୁନ୍ଦରଗଡ଼ର ଅଙ୍କିତ କୁମାର ପଟେଲ ରହିଛନ୍ତି।

# ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା ଅଫିସ,୫।୩**

ପ୍ରବାଦପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସେକ୍ଟର-୨ ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ଦ୍ଦେଶକ ପ୍ରମୋଦ କୁମାର ଶତପଥୀ, ଅଜୟ କୁମାର ନାୟକ, ବି. କେ. ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ରାଉରକେଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ସାଧାରଣ ସମ୍ପାଦକ ପି. ପି. ରାୟଙ୍କ ଅଧ୍ୟକ୍ଷତାରେ ସେକ୍ଟର-୨ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିବା ବେଳେ କଳିଙ୍ଗ ବିହାର ଛକରେ ବିଜୁ ଫାଉଣ୍ଡେଶନ ଆବାହକ ହରିହର ରାଉତରାୟଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ବିଜୁବାବୁଙ୍କ ସ୍ମୃତି ଚାରଣ କରିଥିଲେ। ସେହିପରି ରଘୁନାଥପାଲୀ ବିଧାୟକ ସୁବ୍ରତ ତରାଇଙ୍କ ଅଧ୍ୟକ୍ଷତାରେ ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

# ଜୁନିୟର ଇଞ୍ଜିନିୟରଙ୍କ ଅଦଳବଦଳ

**କୁତ୍ରା, ୫।୩(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ପଞ୍ଚାୟତ ସମିତିରେ କାର୍ଯ୍ୟରତ ଜୁନିଅର ଇଞ୍ଜିନିୟରଙ୍କ ଅଦଳ ବଦଳ ହୋଇଛି। ସୂଚନା ଅନୁସାରେ କୁତ୍ରା ବ୍ଲକରେ ୧୬ଟି ପଞ୍ଚାୟତ ରହିଛି। ୧୬ଟି ପଞ୍ଚାୟତ ପାଇଁ ୯ଜଣ ଜୁନିଅର ଇଞ୍ଜିନିୟର ରହିଛନ୍ତି। ତେବେ ୯ଜଣ ଇଞ୍ଜିନିୟରଙ୍କ ମଧ୍ୟରୁ କେତେଜଣ ଇଚ୍ଛା ମୁତାବକ କାର୍ଯ୍ୟ କରୁଥିବା ସହିତ ଦୁର୍ନୀତିମୂଳକ କାର୍ଯ୍ୟରେ ଲିପ୍ତ ଥିବାର ଅଭିଯୋଗ ହୋଇଆସୁଥିଲା। କିନ୍ତୁ ଆଗରୁ ଥିବା ବିଡ଼ିଓ ସମସ୍ତ ଅଭିଯୋଗକୁ ବେଖାତିର କରିଆସୁଥିଲେ। ବର୍ତ୍ତମାନ ନୂତନ ଭାବରେ ଯୋଗ ଦେଇଥିବା ବିଡ଼ିଓ ରବୀନ୍ଦ୍ର କୁମାର ସେଠୀଙ୍କ ପାଖକୁ ଅଭିଯୋଗ ଆସିବା କ୍ଷଣି ତଦନ୍ତ କରି ଅଦଳବଦଳ କରିଥିବା ସୂଚନା ଦେଇଛନ୍ତି। ଆଗକୁ ଏଭଳି କାର୍ଯ୍ୟ ନ କରିବା ପାଇଁ ତାଗିଦ କରିଛନ୍ତି। କୁତ୍ରା ପଞ୍ଚାୟତ ପାଇଁ କାର୍ଯ୍ୟରତ ଜୁନିୟର ଇଞ୍ଜିନିୟରଙ୍କୁ ପୁରକାପାଲିକୁ ବଦଳି କରାଯାଇଥିବାବେଳେ କନ୍ଦେଇମୁଣ୍ଡା ଓ ପଞ୍ଚରା ପଞ୍ଚାୟତ ଦାୟିତ୍ୱରେ ଥିବା ଇଞ୍ଜିନିୟରଙ୍କୁ କେବଳ ଡେଭଲୋପମେଣ୍ଟ ସେକ୍ସନରେ ରହି ଅଫିସ କାର୍ଯ୍ୟ କରିବା ପାଇଁ ନିୟୋଜିତ କରାଯାଇଥିବାର ସୂଚନା ମିଳିଛି।

# କଂଗ୍ରେସ ନେତାଙ୍କ ବିଜେଡିରେ ଯୋଗଦାନ

**କୁଚିଣ୍ଡା,୫।୩(ଡି.ଏନ.ଏ.)**

ବରିଷ୍ଠ କଂଗ୍ରେସ ନେତା ତଥା କୁଚିଣ୍ଡା ଏନ୍‌ଏସିର ପୂର୍ବତନ ଅଧକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି ବିଜୁ ପଟ୍ଟନାୟକଙ୍କ ଜନ୍ମ ତିଥିରେ ଶନିବାର ବିଜେଡିରେ ଯୋଗ ଦେଇଛନ୍ତି। ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସମ୍ବଲପୁର ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ, ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ସେ ଦଳରେ ସାମିଲ ହୋଇଥିଲେ। କୁଚିଣ୍ଡା ଏନ୍‌ଏସିର ଅଧକ୍ଷ ପଦ ଅଣସଂରକ୍ଷିତ ରହିଥିବାବେଳେ ବିଜେଡି ତାଙ୍କୁ ଏହି ପଦ ପାଇଁ ଟିକେଟ ଦେବା ନେଇ ଚର୍ଚ୍ଚା ହେଉଛି।



ପ୍ରଦ୍ୟୁତଙ୍କୁ ସ୍ୱାଗତ କରୁଛନ୍ତି ବିଜେଡି ନେତୃତ୍ୱ।

# ବିଜୁ ଜୟନ୍ତୀ ପାଳିତ

**ବ୍ରଜରାଜନଗର,୫।୩ (ଡି.ଏନ.ଏ.)**

ବ୍ରଜରାଜନଗର ସହରାଞ୍ଚଳ ବିଜୁ ପଟ୍ଟନାୟକ ଛକଠାରେ ଶନିବାର ୧୦୬ତମ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି। ବିଜେଡି ବ୍ରଜରାଜନଗର ସଭାପତି ରାଧାକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୁ ବାବୁଙ୍କ ସ୍ୱପ୍ନ ଓ ବ୍ରଜରାଜନଗର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ବିଶ୍ୱନାଥ ନାୟକ, ସହପ୍ରଭାରୀ ବିଷ୍ଣୁପ୍ରସାଦ କେଡିଆ, ଜୟନ୍ତ ଦିକ୍ଷିତ, ସୁଧାଂଶୁ ତ୍ରିପାଠୀ ପ୍ରମୁଖ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ

**ସମ୍ବଲପୁର,୫।୩ (ବ୍ୟୁରୋ)**

ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପକ୍ଷରୁ ୫୧ତମ ଜାତୀୟ ସୁରକ୍ଷା ସପ୍ତାହ ଶୁକ୍ରବାର ପାଳିତ ହୋଇଯାଇଛି । ଏଥିରେ କମ୍ପାନୀର ପ୍ରାୟ ୬୦୦ ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ବ୍ୟକ୍ତିଗତ ପ୍ରତିରକ୍ଷା ଉପକରଣ ଯୋଗାଉଥିବା ୬ଜଣ ବିକ୍ରେତା ମଧ୍ୟ ସାମିଲ ହୋଇଥିଲେ। ଜାତୀୟ ସୁରକ୍ଷା ଦିବସକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତିମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆସିଷ୍ଟାଣ୍ଟ ଡାଇରେକ୍ଟର ଫ୍ୟାକ୍ଟ୍ରି ଆଣ୍ଡ ବଏଲର ଉମାକାନ୍ତ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ରୀୟ ସୁରକ୍ଷା ପତାକା ଉତ୍ତୋଳନ କରିଥିଲେ। ନିର୍ଦ୍ଦେଶକ ଅନିଲ କୁମାର ସିଂ, ପରାମର୍ଶଦାତା ଡା. ଟି ଯୋଗେଶ୍ୱର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶେଷରେ ମ୍ୟାନେଜର ଅଶୋକ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।





ଜାତୀୟ ସୁରକ୍ଷା ସପ୍ତାହ ପାଳନ ଅବସରରେ ମଞ୍ଚାସୀନ ଅତିଥି।

# ବିଶ୍ୱସ୍ତରୀୟ ନେତା ଥିଲେ ବିଜୁବାବୁ

**ଝାରସୁଗୁଡ଼ାଅଫିସ/ନାକଟିଦେଉଳ/କୁଚିଣ୍ଡା, ୫।୩(ଡି.ଏନ୍.ଏ.)**

ଝାରସୁଗୁଡା ଜିଲାର ବିଭିନ୍ନ ସ୍ଥାନରେ ପୂର୍ବତମ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୬ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ବିଜେଡି ତରଫରୁ ବଡମାଲସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସମେତ ମହାତ୍ମା ଗାନ୍ଧୀ, ବିଆର୍ ଆମ୍ବେଦକର, ବିହାରୀରାମ ତନ୍ତୀ ପ୍ରମୁଖ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ତାପସ ରାୟ ଚୌଧୁରୀ, ରବି ସିଂହ, ଜୟ କୁମାରୀ ପଟେଲ, ଦୁର୍ଗେସ ମହାନ୍ତି, ସନ୍ଦିପ ଅଗସ୍ତି, ରଘୁମଣି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଦାସ କହିଥିଲେ, ବିଜୁ ବାବୁ କେବଳ ଓଡ଼ିଶା ନୁହେଁ ବିଶ୍ୱସ୍ତରୀୟ ନେତା ଥିଲେ। ବେଲପାହାଡ, ଲଖନପୁର ଆଦି ସ୍ଥାନରେ ବିଜୁ ଜୟନ୍ତୀ ପାଳିତ ହୋଇଛି।





ବଡମାଲସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି। ନାକଟିଦେଉଳରେ ସଂଘ କର୍ମକର୍ତ୍ତାଙ୍କ ଉତ୍ସବ ପାଳନ।

ନାକଟିଦେଉଳ ବ୍ଲକ ସରାପାଲି ପଞ୍ଚାୟତ ଗୌଡ଼ପଡ଼ା ଗ୍ରାମ ହରିଜନ ସାହିରେ ଶନିବାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଚରମପାଣି ଯୁବକ ସଂଘର ୧୨ତମ ପ୍ରତିଷ୍ଠା ଦିବସ ମଧ୍ୟ ପାଳନ କରାଯାଇଛି। ଯୁବକ ସଂଘ ଉପଦେଷ୍ଟା ଚନ୍ଦ୍ରମଣି ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ବ୍ଲକ ଯୁବ ବିଜେଡ଼ି ସଭାପତି ଧୀରେନ କୁମାର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ବିଜୁ ବାବୁ ସର୍ବଦା ଓଡ଼ିଶାର ବିକାଶ କଥା ଚିନ୍ତା କରୁଥିଲେ। ତାଙ୍କ ତ୍ୟାଗପୁତ ଜୀବନାଦର୍ଶ ଉପରେ ଆଲୋକପାତ କରି ଅତିଥିମାନେ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଯୁବକ ସଂଘ ପରିସରରେ ସ୍ୱର୍ଗତ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ବାଦି ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ।

କୁଚିଣ୍ଡା ଆଦିବାସୀ ଭବନଠାରେ ଆଦିବାସୀ ସାମାଜିକ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଶନିବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୬ତମ ଜୟନ୍ତୀ ଓ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସାହିତ୍ୟିକ ଅଲେଖ କୁମାର ପତି ମୁଖ୍ୟଅତିଥି, ବାଉରୀଗୋଡା ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ଗୋବର୍ଦ୍ଧନ ବାଘ ମୁଖ୍ୟବକ୍ତା, ପୂର୍ବତନ ବ୍ଲକ ଅଧକ୍ଷ କରୁଣାକର କିସାନ, ତୁଳସୀ ମଞ୍ଜରୀ ବହିଦାର ଓ ରବୀନ୍ଦ୍ର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୁ ବାବୁଙ୍କ ସାହାସିକତା ଓ ପଞ୍ଚାୟତିରାଜ ପାଇଁ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ତାଙ୍କ ସ୍ମୃତିରକ୍ଷା ନିମନ୍ତେ କୁଚିଣ୍ଡାରେ ବିଜୁ ପାର୍କ ଓ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି କରାଯିବାକୁ ଆଲୋଚନା ହୋଇଥିଲା। ରଶ୍ମିକାନ୍ତ ସାମଲ ସଭା ପରିଚାଳନା କରିଥିବା ବେଳେ ସୁମତି ଟପ୍ପୋ ଅତିଥି ପରିଚୟ ଦେଇଥିଲେ। ଆୟୋଜିତ ବିଭିନ୍ନ ପ୍ରତି ଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ମାନପତ୍ର ଓ ଉପଢୌକନ ଦେଇ ପୁରସ୍କୃତ କରିଥିଲେ। ଶେଷରେ ଲିପି ପାତ୍ର ଧନ୍ୟବାଦ ଦେଇଥିଲେ।

**ଶନିଶ୍ଚର ମନ୍ଦିରର ବାର୍ଷିକ ଉତ୍ସବ**

ସୋନପୁର,(ନି.ପ୍ର.): ସୋନପୁର ବ୍ଲକ ଖରଝୁରା ପଞ୍ଚାୟତ ଅନ୍ତର୍ଗତ ସିଆଲଝୁଲି ଶନିଶ୍ଚର ମନ୍ଦିରର ବାର୍ଷିକୋତ୍ସବ ଶନିବାର ପାଳିତ ହୋଇଯାଇଛି। ବ୍ୟାସ ସହଦେବ ମିଶ୍ର ଶନିଶ୍ଚର ପୁରାଣ ପାଠ କରିଥିବା ବେଳେ ଉମାକାନ୍ତ ପାଣିଗ୍ରାହୀ ଓ ମଦନ ଦାଶ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ। ବିରୁପା ଓ ସ୍ୱାମୀ ରବି ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ରଞ୍ଜନ ମିଶ୍ର, ଘନଶ୍ୟାମ ମିଶ୍ର, ସଦାନନ୍ଦ ସାହୁ, ରତନ ଦଣ୍ଡସେନା, କଙ୍ଗାଲୁ ପୋଢ଼, ବୁଧୁ ଛତ୍ରିଆ, ପଞ୍ଚାନନ ଦଣ୍ଡସେନା ତଥା ଗ୍ରାମ ଓ ଆଖପାଖ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଜୁନାଗଡ଼ ଏନ୍‌ଏସି ନିର୍ବାଚନ: ଅଧ୍ୟକ୍ଷ ପଦ ପାଇଁ ଦାଖଲ ହୋଇନି ନାମାଙ୍କନ

**ଜୁନାଗଡ,୫।୩(ଡି.ଏନ୍.ଏ.):** ପୌର ନିର୍ବାଚନ ପାଇଁ ଗତ ୨ତାରିଖଠାରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏପରିସ୍ଥଳେ ଶନିବାର ନାମାଙ୍କନ ଦାଖଲ ପ୍ରକ୍ରିୟା ଚତୁର୍ଥ ଦିନରେ ପହଞ୍ଚିଛି। ହେଲେ କଳାହାଣ୍ଡି ଜିଲ୍ଲା ଜୁନାଗଡ ଏନ୍‌ଏସିରେ ଅଧ୍ୟକ୍ଷ ପଦ ପାଇଁ ୩ ପ୍ରମୁଖ ଦଳ ଭାଜପା,ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ନାମ ଏକରକମ ଚୂଡାନ୍ତ ହୋଇଛି । ତେବେ କେହି ଆଜି ସୁଦ୍ଧା ପ୍ରାର୍ଥୀପତ୍ର ଦାଖଲ କରିନାହାନ୍ତି। ମିଳିଥିବା ସୁଚନା ଅନୁଯାୟୀ, ଜୁନାଗଡ ଏନ୍‌ଏସି ନିର୍ବାଚନରେ ଏଥର ଅଧ୍ୟକ୍ଷ ପଦ ପାଇଁ ବିଜେଡିରୁ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ମହେଶ ସାହୁ, ଭାଜପା ପକ୍ଷରୁ ଜିଲା ପୌରାଞ୍ଚଳ ସଂଯୋଜକ ମୁକେଶ ଅଗ୍ରୱାଲ ଓ କଂଗ୍ରେସ ପକ୍ଷରୁ ଯୁବ ନେତା ପ୍ରଭାତ ଦାଶଙ୍କ ନାମ ଚୂଡାନ୍ତ ହୋଇଥିବା ଜଣାଯାଇଛି।ଏଥର ସିଧାସଳଖ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ହେଉଥିବାରୁ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ମିଳିଛି। ଜୁନାଗଡ ଏନ୍‌ଏସିରେ ଏଥର ୧୨ଟି ୱାର୍ଡରେ ୧୮ଟି ବୁଥ୍ କରାଯାଇଥିବା ବେଳେ ୧୪ ହଜାର ୭୪୩ ଜଣ ଭୋଟର ରହିଥିବା ଜଣାପଡିଛି।

### ଦୁର୍ଘଟଣାରେ ବାଇକ ଆରୋହୀ ମୃତ

**ଲୋଇସିଂହା,୫।୩(ଡି.ଏନ.ଏ.):** ବଲାଙ୍ଗୀର-ବରଗଡ଼ ୨୬ଜାତୀୟ ରାଜପଥ ଲୋଇସିଂହା ଥାନା ଅନ୍ତର୍ଗତ ରୁଗୁଡ଼ିଖାଲଠାରେ ଏକ ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ଶନିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ମୃତକ ହେଲେ ପନେସରା ଗାଁର ନବଘନ ବିଶି(୪୦)। ଲୋଇସିଂହା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି। ହୀରାପୁର ପଞ୍ଚାୟତ ଅଧୀନ ପନେସରା ଗାଁର ନବଘନ ସାଲେଭଟାରୁ ସନ୍ଧ୍ୟାରେ ଘରକୁ ଫେରୁଥିଲେ। ରାତି ପ୍ରାୟ ୮।୫୦ରେ ରଗୁଡ଼ିଖାଲ ଆର୍ମି ଢ଼ାବା ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେବାରୁ ତଳେ ପଡି ଯାଇଥିଲେ। ସେହି ରାସ୍ତା ଦେଇ ଆସୁଥିବା ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ଗୁରୁତର ଅବସ୍ଥାରେ ଲୋଇସିଂହା ଡାକ୍ତରଖାନା ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ।

### ଜଳିଗଲା ଲକ୍ଷାଧିକ ଟଙ୍କାର ପାଇପ୍



**ସରଣ୍ଡା,୫।୩(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଗୋଡ଼ଭଗା-ଲହଣ୍ଡା ରାସ୍ତାକଡ଼ରେ ଶନିବାର ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ରଖାଯାଇଥିବା ଲକ୍ଷାଧିକ ଟଙ୍କାର ପାଇପ୍ ପୋଡ଼ି ପାଉଁଶ ହୋଇଯାଇଛି। ସେଠାରେ କିଭଳି ନିଆଁ ଲାଗିଲା, ତାହା ଜଣାପଡ଼ିନାହିଁ। କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଆଶଙ୍କା କରାଯାଉଛି। ଖବର ପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀମାନେ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### କ୍ଷତିପୂରଣ ଦାବିରେ ଦୁଇ ଘଣ୍ଟା ରାସ୍ତା ଅବରୋଧ

**କନ୍ଧମାଳ,୫।୩(ଡି.ଏନ.ଏ.):** ବୌଦ୍ଧ ଜିଲା କନ୍ଧମାଳ ବ୍ଲକର ଅଇଁଲାଚୁଆଠାରେ ଘଟିଥିବା ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଶନିବାର ଅପରାହ୍ନରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ କନ୍ଧମାଳ- ମନମୁଣ୍ଡା ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ଦୁଇ ଘଣ୍ଟା ଧରି ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଶୁକ୍ରବାର ରାତିରେ ଅଇଲାଚୁଆଁ ନିକଟସ୍ଥ ଆଦର୍ଶ ବିଦ୍ୟାଳୟ ପାଖରେ ଏକ ବାଇକ୍ ସହ ସାଇକେଲର ଧକ୍କା ହୋଇଥିଲା। ଏଥିରେ ଦୁଇ ଜଣ ଗୁରୁତର ହୋଇ ବୁର୍ଲା ମେଡିକାଲକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରେ ଶ୍ରୀମନ୍ତ ମୁଖିଙ୍କ ଶନିବାର ସକାଳେ ମୃତ୍ୟୁ ଘଟିଥିଲା। ବୁର୍ଲା ଡାକ୍ତରଖାନାରେ ବ୍ୟବଚ୍ଛେଦ ହୋଇ ମୃତଦେହ ଗାଁକୁ ଆସିବା ପରେ ରାସ୍ତା ଅବରୋଧ କରାଯାଇଥିଲା। ଖବର ପାଇ କନ୍ଧମାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

# ପୌରାଧ୍ୟକ୍ଷା ପ୍ରାର୍ଥୀ ଚୟନ ମୁଣ୍ଡବ୍ୟଥା

**ସୋନପୁର,୫।୩(ନି.ପ୍ର.)**

■ଦାଖଲ ହୋଇନି ଗୋଟିଏ ବି ନାମାଙ୍କନପତ୍ର
■୪ ଦିନରେ ୪୩ ପ୍ରାର୍ଥିପତ୍ର ବିକ୍ରି

ସୁବର୍ଣ୍ଣପୁର ପୌର ପରିଷଦ ନିର୍ବାଚନ ପାଇଁ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଚଳିତ ଥର ଭୋଟର ସିଧାସଳଖ ଅଧ୍ୟକ୍ଷ ନିର୍ବାଚନ କରିବାର ଥିବାରୁ ଅଧ୍ୟକ୍ଷ ପଦକୁ ନେଇ ଉତ୍କଣ୍ଠା ପ୍ରକାଶ ପାଇଛି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏକପାଖିଆ ବିଜୟ ପରେ ଶାସକ ବିଜେଡି ବେଶ ଉତ୍ସାହିତ ଅଛି। ପୌର ନିର୍ବାଚନରେ କ୍ଲିନ୍ ସୁଇପ କରିବାକୁ ଦଳ ଲକ୍ଷ୍ୟ ରଖିଛି। ତେବେ ପୌରାଞ୍ଚଳରେ ଶିକ୍ଷିତ ଓ ସଚେତନ ଭୋଟରଙ୍କ ସଂଖ୍ୟା ଅଧିକ ଥିବାରୁ ନିର୍ବାଚନ ଫଳାଫଳ ଉପରେ ଏହାର କିଭଳି ପ୍ରଭାବ ପଡିବ ତାହା ଆଗାମୀ ଦିନରେ ଜଣାପଡିବ। ଅନ୍ୟପକ୍ଷେ ବିରୋଧି ଭାଜପା ଓ କଂଗ୍ରେସ ଚଳିତ ଥର ଭଲ ପ୍ରଦର୍ଶନ କରିବ ବୋଲି ଆଶା ରଖିଛନ୍ତି।

ପୌରାଧ୍ୟକ୍ଷ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ ରାଜନୈତିକ ଦଳଗୁଡିକ ଅଙ୍କକଷା ଜାରି ରଖିଛନ୍ତି। କୌଣସି ରାଜନୈତିକ ଦଳରେ ସକ୍ରିୟ ମହିଳା ନେତ୍ରୀ ନାହାନ୍ତି। ଯେଉଁ ସକ୍ରିୟ ମହିଳା ନେତ୍ରୀ ଅଛନ୍ତି ସେମାନଙ୍କ ସହିତ ନେତୃବୃନ୍ଦଙ୍କ ଭଲ ସମ୍ପର୍କ ନାହିଁ। ତେଣୁ ଦଳରେ ସକ୍ରିୟ ଥିବା ଅଧିକାଂଶ ବରିଷ୍ଠ ନେତା ନିଜ ପତ୍ନୀ କିମ୍ବା ସମ୍ପର୍କୀୟଙ୍କୁ କିଭଳି ଦଳୀୟ ଟିକେଟ୍ ମିଳିବ ସେଥିପାଇଁ ଲବି ଚଳାଇଛନ୍ତି। ଏଭଳି ଆଶାୟୀଙ୍କ ସଂଖ୍ୟା ଶାସକ ଦଳରେ ଅଧିକ ରହିଛି। ଏହା ଦଳର ନେତୃବୃନ୍ଦଙ୍କ ପାଇଁ ମୁଣ୍ଡବ୍ୟଥା ପାଲଟିଛି। ପ୍ରମୁଖ ରାଜନୈତିକ ଦଳଗୁଡିକ ସମସ୍ତ ୧୫ଟି ୱାର୍ଡର କାଉନସିଲର ପ୍ରାର୍ଥୀ ଚୂଡାନ୍ତ କରିଥିବା ବେଳେ ପୌରାଧ୍ୟକ୍ଷା ପାଇଁ ଦକ୍ଷ ମହିଳା ପ୍ରାର୍ଥୀ ଖୋଜିବାରେ ଲାଗି ପଡିଛନ୍ତି। ପୁରାଣା ଚେହେରାଙ୍କୁ ପ୍ରାର୍ଥୀ କରିବେ କିମ୍ବା ନୂଆ ମୁହଁକୁ ଭରସା କରିବେ ନେତୃବୃନ୍ଦ ସେହି ଚିନ୍ତାରେ ଅଛନ୍ତି। ପ୍ରାର୍ଥୀପତ୍ର ଦାଖଲର ସମୟସୀମା ଆଉ ମାତ୍ର ୨ ଦିନ ଥିବା ବେଳେ କୌଣସି ଦଳ ପୌରାଧ୍ୟକ୍ଷା ପ୍ରାର୍ଥୀ ସମ୍ପର୍କରେ ମୁହଁ ଖୋଲୁ ନାହାନ୍ତି। ଅସନ୍ତୁଷ୍ଟଙ୍କୁ ନିର୍ବାଚନ ପ୍ରକ୍ରିୟାରୁ ବାହାରେ ରଖିବା ଓ ଦଳବଦଳକୁ ରୋକିବା ପାଇଁ ପ୍ରମୁଖ ରାଜନୈତିକ ଦଳଗୁଡିକ ଏଥର ଶେଷ ସମୟରେ ପୌରାଧ୍ୟକ୍ଷା ପ୍ରାର୍ଥୀ ଘୋଷଣା କରିବା ନେଇ ରଣକୌଶଳ ସ୍ଥିର କରିଛନ୍ତି। ଏଭଳି ସ୍ଥିତିରେ ଆଶାୟୀ ପ୍ରାର୍ଥୀ ମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ଅନ୍ୟପକ୍ଷେରେ ପ୍ରାର୍ଥୀ ଚୟନ ବେଳେ ଶିକ୍ଷିତ, ଲୋକସମ୍ପର୍କ ଥିବା ଓ ନେତୃତ୍ୱ ନେଇ ପାରୁଥିବା ମହିଳାଙ୍କୁ ଅଗ୍ରାଧିକାର ଦିଆଗଲେ ସହରର ବିକାଶ ହୋଇପାରିବ ବୋଲି ଭୋଟରମାନେ ମତ ଦେଇଛନ୍ତି। ପୌର ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ଗତ ୨ ତାରିଖଠାରୁ ଆରମ୍ଭ ହୋଇଛି। ଶନିବାର ଧାର୍ଯ୍ୟ ସମୟସୀମା ମଧ୍ୟରେ ଜଣେ ହେଲେ ପ୍ରାର୍ଥିପତ୍ର ଦାଖଲ କରି ନ ଥିବା ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ନିହାର ରଞ୍ଜନ କହଁର ସୂଚନା ଦେଇଛନ୍ତି। ସହରର ବିଭିନ୍ନ ୱାର୍ଡ କାଉନସିଲର ଓ ପୌରାଧ୍ୟକ୍ଷା ପଦ ପାଇଁ ୪୩ ସେଟ୍ ପ୍ରାର୍ଥିପତ୍ର ବିକ୍ରି ହୋଇସାରିଛି। ୪ ଜଣ ଅଧ୍ୟକ୍ଷା ପଦ ପାଇଁ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର କ୍ରୟ କରିଥିବା ସୂଚନା ମିଳିଛି।



ବଲାଙ୍ଗୀର ପୌର ପରିଷଦ ପାଇଁ କଂଗ୍ରେସ ପ୍ରାର୍ଥୀ ଘୋଷଣା ସମ୍ପର୍କରେ ପିସିସି ସାଧାରଣ ସମ୍ପାଦକ ସମରେନ୍ଦ୍ର ମିଶ୍ର ସୂଚନା ଦେଉଛନ୍ତି।

## ମିଳନୀ ସାହୁ ବଲାଙ୍ଗୀର ପୌରାଧ୍ୟକ୍ଷା ପ୍ରାର୍ଥୀ

**ବଲାଙ୍ଗୀର ଅଫିସ, ୫।୩**

**ମ୍ୟୁନିସିପାଲିଟି ପ୍ରାର୍ଥୀ ଘୋଷଣା କଲା କଂଗ୍ରେସ**

ସ୍ଥାନୀୟ ଜିଲା କଂଗ୍ରେସ ମୁଖ୍ୟାଳୟରେ ପୌର ନିର୍ବାଚନ ପାଇଁ କଂଗ୍ରେସ ଦଳ ପକ୍ଷରୁ ବଲାଙ୍ଗୀର ମ୍ୟୁନିସିପାଲିଟିର ୨୧ ୱାର୍ଡ ଏବଂ ଅଧ୍ୟକ୍ଷା ପଦ ପାଇଁ ପିସିସି ସାଧାରଣ ସମ୍ପାଦକ ସମରେନ୍ଦ୍ର ମିଶ୍ର ପ୍ରାର୍ଥୀ ଘୋଷଣା କରିଛନ୍ତି। ବଲାଙ୍ଗୀର ପୌରାଧ୍ୟକ୍ଷା ପ୍ରାର୍ଥୀ ଭାବେ ୨୧ ନମ୍ବର ୱାର୍ଡର ପୂର୍ବତନ କାଉନସିଲର ମିଳନୀ ସାହୁଙ୍କ ନାମ ଘୋଷଣା କରାଯାଇଛି। ଏହା ସହିତ ୱାର୍ଡ ନମ୍ବର ୧ରେ ସସ୍ମିତା କୁମ୍ଭାର, ୨ରେ ସୁଜାତା ପୋଢ, ୩ରେ ରଜନୀ ବନଛୋର, ୪ରେ ଅରବିନ୍ଦ ପରୁଆ, ୫ରେ ଗୋବିନ୍ଦ ମହାନ୍ତି, ୬ରେ ସ୍ମିତାରାଣୀ ପଟ୍ଟନାୟକ, ୭ରେ ସବିତା ଶତପଥୀ, ୮ରେ ସୁଧା ସିଂଦେଓ, ୧୧ରେ ପ୍ରଦୀପ କୁମାର ମିଶ୍ର, ୧୨ରେ ଅଞ୍ଜଳି ସାହୁ, ୧୩ରେ ରଜନୀ ସେଠ, ୧୪ରେ ଜ୍ୟୋତ୍ସ୍ନା ବେହେରା, ୧୬ରେ କଳ୍ପନା ସେଠ, ୧୭ରେ ସବିତା ସାହୁ, ୧୮ରେ ସୁରେନ୍ଦ୍ର ଅଶ୍ୱପାଳ, ୧୯ରେ ସତ୍ୟବ୍ରତ ବଗର୍ତ୍ତୀ, ୨୦ରେ ବାସନ୍ତୀ ଭୋଇ ଓ ୱାର୍ଡ ନମ୍ବର ୨୧ରେ ମନୋଜ କୁମାର ବେହେରାଙ୍କୁ ପ୍ରାର୍ଥୀ କରାଯାଇଛି। ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନ ଉତ୍ତରରେ ପିସିସି ସାଧାରଣ ସମ୍ପାଦକ ମିଶ୍ର କହିଥିଲେ ଯେ, ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ହେବ ବଲାଙ୍ଗୀର ପୌର ପରିଷଦ ସରକାରୀ ଦଳ କବଜାରେ ରହିଥିଲା। ଗତ ୭ ବର୍ଷ ପୂର୍ବରୁ ବଲାଙ୍ଗୀର ପୌରାଞ୍ଚଳ ଏକ ମୃତବତ ଅଞ୍ଚଳ ଭାବେ ପରିଗଣିତ ହେଉଥିଲା । ୨୦୧୪ ନିର୍ବାଚନରେ ବିଧାୟକ ନରସିଂହ ମିଶ୍ରଙ୍କ ବିଜୟ ପରେ ବଲାଙ୍ଗୀର ବର୍ତ୍ତମାନ ଏକ ଚଳଚଞ୍ଚଳ ଓ ଜୀବନ୍ତ ସହର ଭାବେ ପରିଚିତ ହୋଇଛି। ଏଠାକାର ରାସ୍ତା ଘାଟ, ଜଳାଶୟ, ଶିକ୍ଷା, କ୍ରିଡା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଆଖିଦୃଶିଆ ପରିବର୍ତ୍ତନ ହୋଇପାରିଛି। ତେଣୁ ଆଗାମୀ ପୌର ନିର୍ବାଚନରେ ଲୋକେ ନିଶ୍ଚିତ ଭାବରେ କଂଗ୍ରେସ ପ୍ରାର୍ଥୀଙ୍କୁ ବିଜୟୀ କରିବେ ବୋଲି କହିଥିଲେ। ପ୍ରାର୍ଥୀ ତାଲିକା ଘୋଷଣା ସମୟରେ ନଗର କଂଗ୍ରେସ ସଭାପତି ବୁଲୁ ଦାନି ମଞ୍ଚାସୀନ ଥିଲେ।

## ବିଜେଡି, ଭାଜପାର ଚୂଡ଼ାନ୍ତ ହୋଇପାରୁନି ପ୍ରାର୍ଥୀ ଚୟନ

**ଖଡ଼ିଆଳ,୪।୩ (ଡି.ଏନ.ଏ)**

ଆସନ୍ତା ମାର୍ଚ୍ଚ ୨୪ରେ ହେବାକୁ ଯାଉଛି ଏନଏସି ନିର୍ବାଚନ। ଏଥିପାଇଁ ଏନଏସିର ୧୩ ଗୋଟି ୱାର୍ଡ କାଉନସିଲର ପଦବୀ ସମେତ ଏନଏସି ଅଧ୍ୟକ୍ଷ ପାଇଁ ନିର୍ବାଚନ। ଏଥିପାଇଁ ନିର୍ବାଚନର ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଚାଲିଥିବା ବେଳେ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ପଦ ସମେତ କାଉନସିଲର୍ ପଦ ପାଇଁ ପ୍ରାର୍ଥି ଚୟନ ଚୂଡାନ୍ତ ହୋଇସାରିଥିବା ବେଳେ ଉଭୟ ବିଜେଡି ଏବଂ ଭାଜପା ଏକାଧିକ ପ୍ରାର୍ଥି ଆଶାୟୀ ଥିବା ଜଣାପଡିଛି। ଭାଜପା ପକ୍ଷରୁ ନଗର ସଭାପତି ବିକାଶ ସିଙ୍ଗଲ ଆଶାୟୀ ଥିବାବେଳେ ପୂର୍ବତନ ଏନଏସି ଅଧ୍ୟକ୍ଷ ନିମାଇଁ ଚରଣ ତାଣ୍ଡି, ପୃଥିରାଜ ମହାନ୍ତୀ, ଦେବଦତ୍ତ ଯୋଶୀ ଏବଂ ସୁରେଶ ହଟୱାର ପ୍ରମୁଖ ଆବେଦନ କରିଛନ୍ତି। ରବିବାର ସୁଦ୍ଧା ପ୍ରାର୍ଥିଚୟନ ଚୁଡାନ୍ତ କରାଯିବ ବୋଲି ଭାଜପା ଜିଲା ସଭାପତି ସୁବ୍ରତ ଠାକୁର କହିଛନ୍ତି। ଅପରପକ୍ଷରେ ଶାସକ ବିଜେଡି ଦଳରେ ପ୍ରାର୍ଥି ଚୟନକୁ ନେଇ ଆଶାୟୀ ପ୍ରାର୍ଥୀ ଏବଂ ଦଳର ନେତୃବର୍ଗଙ୍କ ମଧ୍ୟରେ ଏକ ପ୍ରକାର ଛକାପଞ୍ଝା ଲାଗି ରହିଛି। କାଉନସିଲର୍ ପଦବୀ ପାଇଁ ଅନେକ ଆଶାୟୀ ରହିଥିବାବେଳେ ପ୍ରାର୍ଥୀ ଚୟନ ଏକ ପ୍ରକାର ଚୂଡାନ୍ତ ହୋଇଥିବା ଜଣାପଡିଥିବା ବେଳେ ଅଧ୍ୟକ୍ଷ ପଦ ପାଇଁ ୫ଜଣ ଆଶାୟୀ ଆବେଦନ କରିଥିବା ଜଣାପଡିଛି।

## ସିଆରପିଏଫ୍‌ର ଜନସମ୍ପର୍କ ଶିବିର

**ଖପ୍ରାଖୋଲ, ୫।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ କୁଲିହାମୁଣ୍ଡାଠାରେ ସିଆରପିଏଫ୍ ୧୮୯ ବାଟାଲିଅନ୍‌ର ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଥିଲା। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଲଖବିନ୍ଦର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥିଭାବେ କମାଣ୍ଡାଣ୍ଟ ପବନ କୁମାର ତିୱାରୀ, ସମ୍ମାନିତ ଅତିଥି ସେକେଣ୍ଡ କମାଣ୍ଡାଣ୍ଟ ପି.କେ. ସାହୁ, ଡେପୁଟି କମାଣ୍ଡାଣ୍ଟ ବିନୋଦ ଚଣ୍ଡନ, ନବ ନିର୍ବାଚିତ ରେଙ୍ଗାଲି ସରପଞ୍ଚ ଉମାକାନ୍ତ ମେହେର ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଘୁନସର, ରେଙ୍ଗାଲି, ତେଲେନପାଲି ପଞ୍ଚାୟତର ଚିହ୍ନଟ ଜନସାଧାରଣଙ୍କୁ ୨୦୦ ରେଡିଓ, ୩୬ ସୋଲାର ଲାଇଟ ବଣ୍ଟନ କରାଯାଇଥିଲା। ସେହିପରି ସ୍ୱାସ୍ଥ୍ୟ ଶିବିରରେ ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରାଯାଇଥିଲା। ମାଓବାଦୀ ପ୍ରଭାବିତ ଅଞ୍ଚଳର ଲୋକଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ ପାଇଁ ଜନସମ୍ପର୍କ ଶିବିର ଆୟୋଜିତ ହୋଇଥିବା ଦ୍ୱାରା ସିଆରପିଏଫ୍ କମାଣ୍ଡାଣ୍ଟ କହିଛନ୍ତି।



ଜଣେ ମହିଳାଙ୍କୁ ରେଡିଓ ପ୍ରଦାନ କରାଯାଉଛି।

## ଉପଡାକଘର କର୍ମଚାରୀଙ୍କ ଧାରଣା



ବଲାଙ୍ଗୀର ଜିଲା ଖୋଲାନ ଉପଡାକଘର ସମ୍ମୁଖରେ କର୍ମଚାରୀମାନେ ଧାରଣା ଦେଇଛନ୍ତି।

**ଟିଟିଲାଗଡ,୫।୩(ଡି.ଏନ.ଏ )**

କେନ୍ଦ୍ରୀୟ କର୍ମଚାରୀ ଓ ଶ୍ରମିକ କ୍ରିୟାନୁଷ୍ଠାନ କମିଟି ଆହ୍ୱାନକ୍ରମେ ବିଭିନ୍ନ ଦାବିନେଇ ବଲାଙ୍ଗୀର ଡାକ ମଣ୍ଡଳ ଅନ୍ତର୍ଗତ ଖୋଲାନ ଉପଡାକଘର ସମ୍ମୁଖରେ କର୍ମଚାରୀମାନେ ଶନିବାର ଧାରଣା ଦେଇଥିଲେ। ପୂର୍ବତନ ଡାକ ସଂଘ ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ କରାଯାଇଥିବା ଧାରଣାରେ ସପ୍ତମ ବେତନ କମିଶନ(କମଲେଶ ଚନ୍ଦ୍ର କମିଟି) ରିପୋର୍ଟରେ ଉଲ୍ଲେଖ ଥିବା ଗ୍ରାମୀଣ ଡାକ କର୍ମଚାରୀଙ୍କ ଆର୍ଥିକ ତଥା ସାଙ୍ଗଠନିକ ଲାଭ ଲାଗୁ କରିବାକୁ ଦାବି କରାଯାଇଥିଲା। ପୋଷ୍ଟାଲ ଡାଇରେକ୍ଟର ଗ୍ରାମୀଣ ଡାକ ସହାୟକଙ୍କ ପ୍ରତିସ୍ଥାପନ ବ୍ୟବସ୍ଥା, ଟ୍ରେଡ ୟୁନିଅନ ସୁବିଧା ଦେବାକୁ ଧାରଣାରତ କର୍ମଚାରୀ ଦାବି କରିଥିଲେ। ଏଥିସହିତ ଡାକ ବିଭାଗର ଘରୋଇକରଣକୁ ବିରୋଧ, ପାଞ୍ଚଦିବସୀୟ କାର୍ଯ୍ୟ ଦିବସ ଲାଗୁ କରିବା, ପଦୋନ୍ନତି ତଥା କ୍ୟାଡର ନିଯୁକ୍ତିରେ ନୂତନ ଢାଞ୍ଚା ଲାଗୁ କରିବା ଆଦି ଦାବିରେ ଆଗାମୀ ୨୮ ଓ ୨୯ ମାର୍ଚ୍ଚରେ ହେବାକୁ ଥିବା ସର୍ବଭାରତୀୟ ଧର୍ମଘଟକୁ ସମର୍ଥନ ଦେବାକୁ ଆହ୍ୱାନ ଦିଆଯାଇଥିଲା। ଗ୍ରାମୀଣ ଡାକସେବା କର୍ମଚାରୀ ବେଣୁଧର ସାହୁ, ହିମାଂଶୁ ଶେଖର ବେନିଆ, ବିଜୟ କୁମାର ହଂସ, ହେମନ୍ତ କୁମାର ପଶାୟତ, ରାକେଶ ସାହୁ, ଫନୀନ୍ଦ୍ର ଧରୁଆ ପ୍ରମୁଖ ଆନ୍ଦୋଳନର ସାମିଲ ହୋଇଥିଲେ।

## ଭୂତଳ ପୋଲ ରାସ୍ତା କାମ ନ ହେଲେ ଆନ୍ଦୋଳନ

**ଲୋଇସିଂହା,୫।୩(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ସାରେସମୁଣ୍ଡା ଗ୍ରାମବାସୀ ଭୂତଳ ପୋଲ ଦେଇ ଯିବାଆସିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗ ପକ୍ଷରୁ ନୂତନ ରାସ୍ତା ନିର୍ମାଣର ପ୍ରତିଶ୍ରୁତି ଦିଆଯାଇ ତାହା କାର୍ଯ୍ୟକାରୀ କରାଯାଇ ନ ଥିବାରୁ ଗ୍ରାମବାସୀ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ବଲାଙ୍ଗୀର-ବରଗଡ଼ ୨୬ନଂ. ଜାତୀୟ ରାଜପଥର କଲେଜ ଛକରୁ ସାରେସମୁଣ୍ଡାକୁ ଗଲେ ବାଟରେ ରେଳଲାଇନ ଅତିକ୍ରମ କରିବାକୁ ପଡ଼େ । ଦୁର୍ଘଟଣା ଏଡାଇବା ପାଇଁ ରେଳ ବିଭାଗ ପକ୍ଷରୁ ମାନବବିହୀନ ରେଳଫାଟକ ବନ୍ଦ କରି ଏକ ଭୂତଳ ପୋଲ ନିର୍ମାଣ କରାଯାଇଛି। କିନ୍ତୁ ତାହା ଗ୍ରାମବାସୀଙ୍କ ହିତରେ ଲାଗିବା ବଦଳରେ ଅସୁବିଧା ସୃଷ୍ଟି କରୁଛି। ବର୍ଷଯାକ ପୋଲରେ ପାଣି ଜମି ରହିବା ସହ ଉଠାଣିଆ ଓ ଗଡାଣିଆ ଥିବାରୁ ଯାତାୟାତ ବେଳେ ଲୋକେ ହଟହଟା ହେଉଛନ୍ତି। ଏହି ପୋଲ ନିର୍ମାଣ ସମୟରେ ଏହାର ତ୍ରୁଟିପୂର୍ଣ୍ଣ କାମ ଯୋଗୁ ଭବିଷ୍ୟତରେ ସମସ୍ୟା ହେବା ନେଇ ଗ୍ରାମବାସୀ ଆଶଙ୍କା କରି ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ କୌଣସି ସମସ୍ୟା ହେଲେ ନୂତନ ରାସ୍ତା କରାଯିବ ବୋଲି ସେତେବେଳେ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଗତବର୍ଷ ବର୍ଷାଋତୁରେ ବନ୍ୟା ବେଳେ ପୋଲରେ ବର୍ଷାପାଣି ଜମି ରହିବାରୁ ଗ୍ରାମର ଜଣେ ଯୁବକ ଲୋଇସିଂହାକୁ ଆସିବାବେଳେ ବନ୍ଦ ରେଳଫାଟକ ଅତିକ୍ରମ ବେଳେ ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିଲା। ୨୦୨୧ ଡିସେମ୍ବରରେ ମୁଖ୍ୟମନ୍ତ୍ରୀ, ସମ୍ବଲପୁର ଡିଆରଏମ୍, ବଲାଙ୍ଗୀର ଏମ୍‌ପି, ସ୍ଥାନୀୟ ବିଧାୟକଙ୍କୁ ଗ୍ରାମବାସୀ ଦାବିପତ୍ର ଦେଇଥିଲେ। ହେଲେ ଏ ଦିଗରେ କେହି କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବିଭାଗ ପକ୍ଷରୁ ଶୀଘ୍ର ପଦକ୍ଷେପ ନିଆ ନ ନେଲେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## କଂଗ୍ରେସ ପ୍ରାର୍ଥୀ ଘୋଷଣା ପରେ ବିଜେଡି, ଭାଜପା ଉପରେ ନଜର

**ବଲାଙ୍ଗୀର ଅଫିସ, ୫।୩**

■ଅଧ୍ୟକ୍ଷା ପଦ ପାଇଁ ସାମସନ୍ ନିସା ନାମାଙ୍କନ ଭରିଲେ
■ପୁଣି ୧୭ ଜଣ ନେଲେ କାଉନସିଲର ନାମାଙ୍କନପତ୍ର

ବଲାଙ୍ଗୀର ପୌର ନିର୍ବାଚନରେ ଧୀରେ ଧୀରେ ଉଷ୍ମତା ବଢ଼ିବାରେ ଲାଗିଛି। କଂଗ୍ରେସ ପକ୍ଷରୁ ଶନିବାର ବଲାଙ୍ଗୀର ମ୍ୟୁନିସିପାଲିଟିର କଂଗ୍ରେସ ପୌରାଧ୍ୟକ୍ଷା ପ୍ରାର୍ଥୀ ଓ ୨୧ଟି ୱାର୍ଡର କାଉନସିଲର ପ୍ରାର୍ଥୀ ଘୋଷଣା କରାଯାଇଛି। କଂଗ୍ରେସ ପୌରାଧ୍ୟକ୍ଷା ପ୍ରାର୍ଥୀ ଭାବେ ପୂର୍ବତନ କାଉନସିଲର ମିଳନୀ ସାହୁଙ୍କ ନାମ ଘୋଷଣା କରାଯାଇଛି। କଂଗ୍ରେସର ପ୍ରାର୍ଥୀ ତାଲିକା ଘୋଷଣା ପରେ ଶାସକ ବିଜେଡି ଓ ଭାଜପା ଦଳର ପ୍ରାର୍ଥୀ ଘୋଷଣା ଉପରେ ସମସ୍ତଙ୍କ ନଜର ରହିଛି। ବିଜେଡିର ପ୍ରାର୍ଥୀ ତାଲିକା ନେଇ ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓଙ୍କୁ ପଚରାଯିବାରୁ ବିଜେଡିର ଆଶାୟୀ ପ୍ରାର୍ଥୀ ତାଲିକା ପଠାଯାଇଛି। ସେ ଭିତରୁ ପ୍ରାର୍ଥୀ ଚୟନ କଲାପରେ ଏହା ଘୋଷଣା କରାଯିବ ବୋଲି କହିଛନ୍ତି। ଖୁବଶୀଘ୍ର ଭାଜପା ପ୍ରାର୍ଥୀଙ୍କ ତାଲିକା ଘୋଷଣା କରାଯିବ ବୋଲି ଜଣାପଡିଛି। ଶନିବାର ବଲାଙ୍ଗୀର ମ୍ୟୁନିସିପାଲିଟିରେ ଜଣେ ପ୍ରାର୍ଥୀ ଅଧ୍ୟକ୍ଷା ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବଲାଙ୍ଗୀରର ସାମସନ ନିସା ଅଧ୍ୟକ୍ଷା ପଦ ସକାଶେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ଶନିବାର ୩ ଜଣ କାଉନସିଲର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ୫ ନମ୍ବର ୱାର୍ଡ ପାଇଁ ପ୍ରବୀର କୁମ୍ଭାର, ୧୪ ନମ୍ବର ୱାର୍ଡ ପାଇଁ ଗାୟତ୍ରୀ ଦାଶ, ୧୪ ନମ୍ବର ୱାର୍ଡ ପାଇଁ ସବ୍ରୁଜ ବାଗ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶୁକ୍ରବାର ୧୭ ନମ୍ବର ୱାର୍ଡ ପାଇଁ ହରିଶଙ୍କର ଛତ୍ରିଆ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସୋମବାର ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ହୋଇଥିବାରୁ ଆଉ ଦୁଇଦିନ ମଧ୍ୟରେ ବିଭିନ୍ନ ଦଳର ଚୁଡାନ୍ତ ପ୍ରାର୍ଥୀ ତାଲିକା ଓ ନାମାଙ୍କନ ସ୍ପଷ୍ଟ ହୋଇଯିବ।

## ୟୁଜିବି ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସଭା

**ବଲାଙ୍ଗୀର ଅଫିସ, ୫।୩**

ଉତ୍କଳ ଗ୍ରାମୀଣ ବ୍ୟାଙ୍କ(ୟୁଜିବି) ଅବସରପ୍ରାପ୍ତ କର୍ମଚାରୀ ସଂଘ ବଲାଙ୍ଗୀରର ଶାଖାର ବାର୍ଷିକ ସାଧାରଣ ସଭା ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଛି। ସଭାପତି ଦ୍ୱାରିକାନାଥ ପଟେଲଙ୍କ ସଭାପତିତ୍ୱରେ ସମ୍ପାଦକ ଯୁଗଳ କିଶୋର ପଟେଲ ସଂଘ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହା ସର୍ବସମ୍ମତି କ୍ରମେ ପାରିତ ହୋଇଥିଲା। କୋଷାଧ୍ୟକ୍ଷ ଲଳିତ ମୋହନ ମହାକୁର ଆର୍ଥିକ ବର୍ଷ ୨୦୨୦-୨୧ ଆର୍ଥିକ ବର୍ଷର ଆୟବ୍ୟୟ ରିପୋର୍ଟ ଉପସ୍ଥାପନା କରିଥିଲେ। ଉତ୍କଳ ଗ୍ରାମୀଣ ବ୍ୟାଙ୍କ ସେବାନିବୃତ୍ତ କର୍ମଚାରୀ ସଂଘ ବଲାଙ୍ଗୀର, ସମ୍ବଲପୁର, ବ୍ରହ୍ମପୁର, ଭବାନୀପାଟଣା, ଜୟପୁରକୁ ନେଇ ଗୋଟିଏ ସଂଘ ଗଠନ ସକାଶେ ପ୍ରସ୍ତାବ ସର୍ବସମ୍ମତି କ୍ରମେ ପାରିତ ହୋଇଥିଲା। ଏ ନେଇ ଆସନ୍ତା ମାର୍ଚ୍ଚ ୨୩ରେ ସମସ୍ତ ୟୁନିଟମାନଙ୍କୁ ନେଇ ଏକ ସାଧାରଣ ସଭା କରାଯିବ। ସଭାରେ ଜାତୀୟ ସ୍ତରର ନେତାମାନେ ଯୋଗଦାନ କରିବା ସ୍ଥିରୀକୃତ ହୋଇଛି। ସଭାରେ ଜାତୀୟ ଗ୍ରାମୀଣ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘ ଉପସମ୍ପାଦକ ଶରତ ହୋତା ଓ ୟୁଜିବି ସମ୍ପାଦକ, ପୁଲିନ ବିହାରୀ ମିଶ୍ର ମଞ୍ଚାସୀନ ଥିଲେ।

## ଇଂରାଜୀ କବିତା ସଙ୍କଳନ ଉନ୍ମୋଚିତ

**ନୂଆପଡା ଅଫିସ୍,୫।୩**

ସ୍ଥାନୀୟ ନ୍ୟାସନାଲ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ପୁସ୍ତକ ଉନ୍ମୋଚନ ଓ କବି ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏହି ପୁସ୍ତକଟି ବିଦ୍ୟାଳୟର ଇଂରାଜୀ ଶିକ୍ଷକ ଭାବତୋଷ ଦାସ ଓ ରେଭେନ୍ସା ମହାବିଦ୍ୟାଳୟ ଛାତ୍ରୀ ଆକାଂକ୍ଷା ପଟ୍ଟନାୟକଙ୍କ ଲିଖିତ ଇଂରାଜୀ କବିତା ସଙ୍କଳନ ସିଜିଲିଙ୍ଗ ସୋଲେଶ। ଏହାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଧ୍ରୁବଚରଣ ଦାସ, ପାର୍ବତୀ ପ୍ରସାଦ ପଟ୍ଟନାୟକ, ସାମୁଏଲ ଦାନି, ପ୍ରବୋଧ ହୋତା, ହେମସାଗର ମହାନନ୍ଦ, ରାଜଶ୍ରୀ ପାଣିଗ୍ରାହୀ, ମୁରଲିଧର ପଣ୍ଡା ଓ ସମେନ୍ଦ୍ର ଦାସ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୂଆପଡାର ସୁନାମଧନ୍ୟ କବି, କବିୟତ୍ରୀ ଉପସ୍ଥିତ ଥିଲେ । ପ୍ରକାଶିତ ପୁସ୍ତକଟି ହେଉଛି ଭବତୋଷଙ୍କ ଲିଖିତ ରାହିମସ ଆନ୍ଥଲୋଗି ଓ ଆକାଂକ୍ଷାଙ୍କ ଲିଖିତ ଅନ ରାହିମିଙ୍ଗ ରାଇଦମସର ସମ୍ବଳିତ ପୁସ୍ତକ। ଆମାଜନ କାଇଣ୍ଡରେ ପୁସ୍ତକଟି ଉପଲବ୍ଧ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସୁମନ ସୁରଭି ଦାସ ଓ ଯୋଗେନ୍ଦ୍ର ବେହେରା, କିଶୋର ପରିଡା, ଦୀନେଶ ପଟେଲ, ସୁବ୍ରତ ଦାସ।




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ଶନିଶ୍ଚର ମନ୍ଦିରର ବାର୍ଷିକ ଉତ୍ସବ

ସୋନପୁର,(ନି.ପ୍ର.): ସୋନପୁର ବ୍ଲକ ଖରଝୁରା ପଞ୍ଚାୟତ ଅନ୍ତର୍ଗତ ସିଆଲଝୁଲି ଶନିଶ୍ଚର ମନ୍ଦିରର ବାର୍ଷିକୋତ୍ସବ ଶନିବାର ପାଳିତ ହୋଇଯାଇଛି। ବ୍ୟାସ ସହଦେବ ମିଶ୍ର ଶନିଶ୍ଚର ପୁରାଣ ପାଠ କରିଥିବା ବେଳେ ଉମାକାନ୍ତ ପାଣିଗ୍ରାହୀ ଓ ମଦନ ଦାଶ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ। ବିରୁପା ଓ ସ୍ୱାମୀ ରବି ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ରଞ୍ଜନ ମିଶ୍ର, ଘନଶ୍ୟାମ ମିଶ୍ର, ସଦାନନ୍ଦ ସାହୁ, ରତନ ଦଣ୍ଡସେନା, କଙ୍ଗାଲୁ ପୋଢ଼, ବୁଧୁ ଛତ୍ରିଆ, ପଞ୍ଚାନନ ଦଣ୍ଡସେନା ତଥା ଗ୍ରାମ ଓ ଆଖପାଖ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଜଳିଗଲା ଲକ୍ଷାଧିକ ଟଙ୍କାର ପାଇପ୍



**ସରଣ୍ଡା,୫।୩(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଗୋଡ଼ଭଗା-ଲହଣ୍ଡା ରାସ୍ତାକଡ଼ରେ ଶନିବାର ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ରଖାଯାଇଥିବା ଲକ୍ଷାଧିକ ଟଙ୍କାର ପାଇପ୍ ପୋଡ଼ି ପାଉଁଶ ହୋଇଯାଇଛି। ସେଠାରେ କିଭଳି ନିଆଁ ଲାଗିଲା, ତାହା ଜଣାପଡ଼ିନାହିଁ। କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଆଶଙ୍କା କରାଯାଉଛି। ଖବର ପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀମାନେ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### କ୍ଷତିପୂରଣ ଦାବିରେ ଦୁଇ ଘଣ୍ଟା ରାସ୍ତା ଅବରୋଧ

**କଣ୍ଟାମାଳ,୫।୩(ଡି.ଏନ.ଏ.):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଅଇଁଲାଚୁଆଠାରେ ଘଟିଥିବା ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଶନିବାର ଅପରାହ୍ନରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ କଣ୍ଟମାଳ- ମନମୁଣ୍ଡା ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ଦୁଇ ଘଣ୍ଟା ଧରି ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଶୁକ୍ରବାର ରାତିରେ ଅଇଲାଚୁଆଁ ନିକଟସ୍ଥ ଆଦର୍ଶ ବିଦ୍ୟାଳୟ ପାଖରେ ଏକ ବାଇକ୍ ସହ ସାଇକେଲର ଧକ୍କା ହୋଇଥିଲା। ଏଥିରେ ଦୁଇ ଜଣ ଗୁରୁତର ହୋଇ ବୁର୍ଲା ମେଡିକାଲକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରେ ଶ୍ରୀମନ୍ତ ମୁଖିଙ୍କ ଶନିବାର ସକାଳେ ମୃତ୍ୟୁ ଘଟିଥିଲା। ବୁର୍ଲା ଡାକ୍ତରଖାନାରେ ବ୍ୟବଚ୍ଛେଦ ହୋଇ ମୃତଦେହ ଗାଁକୁ ଆସିବା ପରେ ରାସ୍ତା ଅବରୋଧ କରାଯାଇଥିଲା। ଖବର ପାଇ କଣ୍ଟାମାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

### ବାଲି ଚୋରାଚାଲାଣ ଅଭିଯୋଗ: ୭୦ ହଜାର ଜରିମାନା ଆଦାୟ

**ବାଉଁଶୁଣୀ,୫।୩(ଡି.ଏନ.ଏ.):** ବୌଦ୍ଧ ତହସିଲ ପକ୍ଷରୁ ଶନିବାର ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇ ୭୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସୁନା, ମହମ୍ମଦ ରୋଜା ରସୁଲ ଓ ବାଉଁଶୁଣୀ ରାଜସ୍ୱ ନିରୀକ୍ଷକ ସୁଜିତ କୁମାର ସାହୁ ଚଢ଼ାଉ କରି ବାଉଁଶୁଣୀ ନିକଟ ବାଘନଦୀରୁ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଦୁଇ ଗୋଟି ଟ୍ରାକ୍ଟରକୁ ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଅଟକାଇ ଥିଲେ। ଏହି ଘଟଣାରେ ୨୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ସେହିପରି ତେଲିବନ୍ଧ ନିକଟରେ ବାଲି ଚୋରା ଚାଲାଣ ଅଭିଯୋଗରେ ୩ ଗୋଟି ଟ୍ରାକ୍ଟର ମାଲିକଙ୍କ ଠାରୁ ୫୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ଅତିରିକ୍ତ ତହସିଲଦାର ସୁନା କହିଛନ୍ତି। ତହସିଲ ପକ୍ଷରୁ ବାଲି ଚୋରାଚାଲାଣକାରୀଙ୍କ ଉପରେ ସତର୍କ ଦୃଷ୍ଟି ରଖାଯାଇଥିବା ବେଳେ ଆଗାମୀ ଦିନରେ ଚଢ଼ାଉ ଜାରି ରହିବ ବୋଲି ଅତିରିକ୍ତ ତହସିଲଦାର କହିଛନ୍ତି।

### ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

**ବୌଦ୍ଧ,୫।୩(ସ୍ୱ.ପ୍ର.):** ଶନିବାର ବୌଦ୍ଧ ଜିଲା ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବୌଦ୍ଧ ନିର୍ବାଚନମଣ୍ଡଳୀ ପକ୍ଷରୁ ବୌଦ୍ଧ ବ୍ରିଜ ଛକଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ପ୍ରଦୀପ ଅମାତ, ଦଳର ରାଜ୍ୟ ଯୁଗ୍ମ ସଂପାଦକ ଅଶୋକ ସାହୁ, ଜିଲା ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ସୁବୋଧ ପ୍ରଧାନ, ଜିଲା ଯୁବ ବିଜେଡି ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ଗିରିଜା ଶଙ୍କର ପାଢ଼ୀ, ସୁମନ ଷଡଙ୍ଗୀ, ରବିନ୍ଦ୍ର ରାଉତ, କୌଳାଶ ବେହେରା, ପୂର୍ବତନ ଉପନଗରପାଳ ବସନ୍ତ ସ୍ୱାଇଁ, ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସେହିପରି କଣ୍ଟାମାଳଠାରେ ବିଜୁ ଜୟନ୍ତୀ ପାଳିତ ହୋଇଛି। ବିଜେଡି ନେତା ଏସ.ଥାଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ମହାଧର ରଣା ବିଜୁ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

# ପୌରାଧ୍ୟକ୍ଷା ପ୍ରାର୍ଥୀ ଚୟନ ମୁଣ୍ଡବ୍ୟଥା

**ସୋନପୁର,୫।୩(ନି.ପ୍ର.)**

■ଦାଖଲ ହୋଇନି ଗୋଟିଏ ବି ନାମାଙ୍କନପତ୍ର

■୪ ଦିନରେ ୪୩ ପ୍ରାର୍ଥିପତ୍ର ବିକ୍ରି ହୋଇଛି

ସୁବର୍ଣ୍ଣପୁର ପୌର ପରିଷଦ ନିର୍ବାଚନ ପାଇଁ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଚଳିତ ଥର ଭୋଟର ସିଧାସଳଖ ଅଧ୍ୟକ୍ଷ ନିର୍ବାଚନ କରିବାର ଥିବାରୁ ଅଧ୍ୟକ୍ଷ ପଦକୁ ନେଇ ଉତ୍କଣ୍ଠା ପ୍ରକାଶ ପାଇଛି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏକପାଖିଆ ବିଜୟ ପରେ ଶାସକ ବିଜେଡି ବେଶ ଉତ୍ସାହିତ ଅଛି। ପୌର ନିର୍ବାଚନରେ କ୍ଲିନ୍ ସୁଇପ କରିବାକୁ ଦଳ ଲକ୍ଷ୍ୟ ରଖିଛି। ତେବେ ପୌରାଞ୍ଚଳରେ ଶିକ୍ଷିତ ଓ ସଚେତନ ଭୋଟରଙ୍କ ସଂଖ୍ୟା ଅଧିକ ଥିବାରୁ ନିର୍ବାଚନ ଫଳାଫଳ ଉପରେ ଏହାର କିଭଳି ପ୍ରଭାବ ପଡିବ ତାହା ଆଗାମୀ ଦିନରେ ଜଣାପଡିବ। ଅନ୍ୟପକ୍ଷେ ବିରୋଧି ଭାଜପା ଓ କଂଗ୍ରେସ ଚଳିତ ଥର ଭଲ ପ୍ରଦର୍ଶନ କରିବ ବୋଲି ଆଶା ରଖିଛନ୍ତି।

ପୌରାଧ୍ୟକ୍ଷ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ ରାଜନୈତିକ ଦଳଗୁଡିକ ଅଙ୍କକଷା ଜାରି ରଖିଛନ୍ତି। କୌଣସି ରାଜନୈତିକ ଦଳରେ ସକ୍ରିୟ ମହିଳା ନେତ୍ରୀ ନାହାନ୍ତି। ଯେଉଁ ସକ୍ରିୟ ମହିଳା ନେତ୍ରୀ ଅଛନ୍ତି ସେମାନଙ୍କ ସହିତ ନେତୃବୃନ୍ଦଙ୍କ ଭଲ ସମ୍ପର୍କ ନାହିଁ। ତେଣୁ ଦଳରେ ସକ୍ରିୟ ଥିବା ଅଧିକଂଶ ବରିଷ୍ଠ ନେତା ନିଜ ପତ୍ନୀ କିମ୍ବା ସମ୍ପର୍କୀୟଙ୍କୁ କିଭଳି ଦଳୀୟ ଟିକେଟ୍ ମିଳିବ ସେଥିପାଇଁ ଲବି ଚଳାଇଛନ୍ତି। ଏଭଳି ଆଶାୟୀଙ୍କ ସଂଖ୍ୟା ଶାସକ ଦଳରେ ଅଧିକ ରହିଛି। ଏହା ଦଳର ନେତୃବୃନ୍ଦଙ୍କ ପାଇଁ ମୁଣ୍ଡବ୍ୟଥା ପାଲଟିଛି। ପ୍ରମୁଖ ରାଜନୈତିକ ଦଳଗୁଡିକ ସମସ୍ତ ୧୫ଟି ୱାର୍ଡର କାଉନସିଲର ପ୍ରାର୍ଥୀ ଚୂଡାନ୍ତ କରିଥିବା ବେଳେ ପୌରାଧ୍ୟକ୍ଷା ପାଇଁ ଦକ୍ଷ ମହିଳା ପ୍ରାର୍ଥୀ ଖୋଜିବାରେ ଲାଗି ପଡିଛନ୍ତି। ପୁରାଣା ଚେହେରାଙ୍କୁ ପ୍ରାର୍ଥୀ କରିବେ କିମ୍ବା ନୂଆ ମୁହଁକୁ ଭରସା କରିବେ ନେତୃବୃନ୍ଦ ସେହି ଚିନ୍ତାରେ ଅଛନ୍ତି। ପ୍ରାର୍ଥୀପତ୍ର ଦାଖଲର ସମୟସୀମା ଆଉ ମାତ୍ର ୨ ଦିନ ଥିବା ବେଳେ କୌଣସି ଦଳ ପୌରାଧ୍ୟକ୍ଷା ପ୍ରାର୍ଥୀ ସମ୍ପର୍କରେ ମୁହଁ ଖୋଲୁ ନାହାନ୍ତି। ଅସନ୍ତୁଷ୍ଟଙ୍କୁ ନିର୍ବାଚନ ପ୍ରକ୍ରିୟାରୁ ବାହାରେ ରଖିବା ଓ ଦଳବଦଳକୁ ରୋକିବା ପାଇଁ ପ୍ରମୁଖ ରାଜନୈତିକ ଦଳଗୁଡିକ ଏଥର ଶେଷ ସମୟରେ ପୌରାଧ୍ୟକ୍ଷା ପ୍ରାର୍ଥୀ ଘୋଷଣା କରିବା ନେଇ ରଣକୌଶଳ ସ୍ଥିର କରିଛନ୍ତି। ଏଭଳି ସ୍ଥିତିରେ ଆଶାୟୀ ପ୍ରାର୍ଥୀ ମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ଅନ୍ୟପକ୍ଷେରେ ପ୍ରାର୍ଥୀ ଚୟନ ବେଳେ ଶିକ୍ଷିତ, ଲୋକସମ୍ପର୍କ ଥିବା ଓ ନେତୃତ୍ୱ ନେଇ ପାରୁଥିବା ମହିଳାଙ୍କୁ ଅଗ୍ରାଧିକାର ଦିଆଗଲେ ସହରର ବିକାଶ ହୋଇପାରିବ ବୋଲି ଭୋଟରମାନେ ମତ ଦେଇଛନ୍ତି। ପୌର ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ଗତ ୨ ତାରିଖଠାରୁ ଆରମ୍ଭ ହୋଇଛି। ଶନିବାର ଧାର୍ଯ୍ୟ ସମୟସୀମା ମଧ୍ୟରେ ଜଣେ ହେଲେ ପ୍ରାର୍ଥିପତ୍ର ଦାଖଲ କରି ନ ଥିବା ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ନିହାର ରଞ୍ଜନ କହଁର ସୂଚନା ଦେଇଛନ୍ତି। ସହରର ବିଭିନ୍ନ ୱାର୍ଡ କାଉନସିଲର ଓ ପୌରାଧ୍ୟକ୍ଷା ପଦ ପାଇଁ ୪୩ ସେଟ୍ ପ୍ରାର୍ଥିପତ୍ର ବିକ୍ରି ହୋଇସାରିଛି। ୪ ଜଣ ଅଧ୍ୟକ୍ଷା ପଦ ପାଇଁ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର କ୍ରୟ କରିଥିବା ସୂଚନା ମିଳିଛି।

## ଟାଏକୋଣ୍ଡୋ କଲର ବେଲ୍ଟ ଟେଷ୍ଟ ଉଦ୍‌ଘାଟିତ



ଟାଏକୋଣ୍ଡୋ କଲର ବେଲ୍ଟ ଟେଷ୍ଟରେ ଭାଗ ନେଇଥିବା ଛାତ୍ରୀଛାତ୍ର।

**ବରଗଡ଼ ଅଫିସ୍,୫।୩**

ବରଗଡ଼ ଭଟଲି ଛକରେ ଶନିବାର ଜିଲା ଟାଇକୋଣ୍ଡୋ ଆସୋସିଏଶନର ସପ୍ତମ ଦ୍ୱିଦିବସୀୟ କଲର ବେଲ୍ଟ ଟେଷ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆସୋସିଏଶନର ସଭାପତି ନବକିଶୋର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଷ୍ଟେଟ୍ ବ୍ୟାଙ୍କ ବାଣିଜ୍ୟିକ ଶାଖାର ମୁଖ୍ୟ ପ୍ରବନ୍ଧକ ବିନାୟକ ଖମାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନର ମୁଖ୍ୟ ମନମୋହନ ଭଞ୍ଜ, ବରଗଡ଼ ଜିଲା ସମ୍ପାଦକ ତଥା କୋଚ୍ ବିଜୟ କୁମାର ଭୋଇ, ଉପସଭାପତି ଆଶୁତୋଷ ରଥ, ସହ ସମ୍ପାଦିକା ରାଜଶ୍ରୀ ବଗର୍ତ୍ତି, କୋଷାଧ୍ୟକ୍ଷା ଶ୍ରୀୟା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଉକ୍ତ ବେଲ୍ଟ ଟେଷ୍ଟରେ ୨୫ଜଣ କୃତୀ ଛାତ୍ରୀଛାତ୍ର ଭାଗ ନେଇଥିଲେ।

## ଭଗବତୀ ଟ୍ରଫି କ୍ରିକେଟ୍: ବିସିସି ସୋନପୁର ବିଜୟୀ

**ସୋନପୁର,୫।୩(ନି.ପ୍ର.)**



ମ୍ୟାନ୍ ଅଫ ଦି ମ୍ୟାଚ୍ କିଷନଲାଲ ସାଗରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରୁଛନ୍ତି।

ସୋନପୁର ଗାନ୍ଧୀ ପଡିଆରେ ଚାଲିଥିବା ୧୧ ତମ ଆନ୍ତଃ ଜିଲା ଭଗବତୀ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟର ଶନିବାର ମ୍ୟାଚ୍‌ରେ ବିସିସି ସୋନପୁର ବିଜୟୀ ହୋଇଛି। ଟିସିସି ଟିଁଲାଗଡ ଓ ବିସିସି ସୋନପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସୋନପୁର ଦଳ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଟିଁଲାଗଡ ଦଳ ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୧୬୭ ରନ ସଂଗ୍ରହ କରିଥିଲେ। ୱାଇ ଶ୍ରୀନିବାସ ରାଓ ୨୭ ରନ ଓ ପୁରୁଷୋତ୍ତମ ପଧାନ ୨୭ ରନ ସଂଗ୍ରହ କରିଥିଲେ। ସୋନପୁରର ରାଜା ବିଶ୍ୱଜିତ ୩ଟି, ସୁରେଶ ବେହେରା ୨ଟି ଓ ବବୁଲୁ ସେଠୀ ୨ଟି ଉଇକେଟ ଅକ୍ତିଆର କରିଥିଲେ। ସୋନପୁରର କିଷାନଲାଲ ସାଗର ୫୦ ରନ, ସିକନ ସେଠୀ ୪୩ ରନ ଓ ନିରଞ୍ଜନ ପଣ୍ଡା ୨୭ ରନ ସଂଗ୍ରହ କରିଥିଲେ। ଟିଁଲାଗଡର ସତ୍ୟଜିତ୍ ସିଂଦେଓ ୩ଟି ଓ ସୁନିତ ସିଂଦେଓ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ସୋନପୁର ଦଳ ୨ ଉଇକେଟ୍‌ରେ ଏହି ମ୍ୟାଚ୍‌କୁ ଜିତି ନେଇଥିଲା। ସୋନପୁରର କିଷନଲାଲ ସାଗରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ୟାମ ସୁନ୍ଦର ପଣ୍ଡା ଓ ଶ୍ରୀବନ୍ତ କୁମାର ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଅମ୍ଳାନ ଅଭିଜିତ ହୋତା ଧାରା ବିବରଣୀ ପ୍ରଦାନ କରିଥିଲେ। ପିଙ୍କୁ ବେହେରା ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ନିର୍ମଳ ନେଗୀ ଅତିଥି ଭାବେ ଯୋଗ ଦେଇଥିଲେ।

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ବୌଦ୍ଧ,୫।୩(ସ୍ୱ.ପ୍ର.)**

ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅନ୍ତର୍ଗତ ଲକ୍ଷ୍ମଣପୁର ଗ୍ରାମରେ ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଯୌତୁକ ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ବାପଘର ଲୋକଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ମୁତାବକ, ପୁରୁଣାକଟକ ଥାନା ସୁର୍ତ୍ତାଗଣ୍ଡା ଗ୍ରାମର କେଦାର ପ୍ରଧାନଙ୍କ ଝିଅ ମାନସୀ (୨୫)ଙ୍କୁ ଲକ୍ଷ୍ମଣପୁର ଗ୍ରାମର ବୃନ୍ଦାବନ ସାହୁ ୪ ବର୍ଷ ତଳେ ବିବାହ କରିଥିଲେ। ଗତ ଶୁକ୍ରବାର ରାତିରେ ମାନସୀଙ୍କ ଦେହ ଖରାପ ହେବାରୁ ବୃନ୍ଦାବନ ତାଙ୍କୁ ବୌଦ୍ଧ ମେଡିକାଲକୁ ଆଣିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମହିଳାଙ୍କ କାକା ଝରିତ ପ୍ରଧାନ ତାଙ୍କ ଝିଆରୀଙ୍କୁ ଯୌତୁକ ପାଇଁ ମାରି ଦିଆଯାଇଥିବା ନେଇ ପୁରୁଣାକଟକ ଥାନାରେ ଅଭିଯୋଗ କରଛନ୍ତି। ପୋଲିସ ଏକ ମାମଲା (ନଂ. ୩୩/୨୨) ରୁଜୁକରି ତଦନ୍ତ ଆରମ୍ଭ କରିଛି।

## ନିର୍ବାଚିତ ହେଲେ ୨୨ମହିଳା ପ୍ରତିନିଧି

**ଅମରପାଲି, ୫।୩(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଫଳାଫଳ ଘୋଷିତ ହୋଇଛି। ୧୫ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ସହ ବ୍ଲକ ଅଧୀନ ଦୁଇଟି ଜୋନ୍‌ରୁ ଜିଲା ପରିଷଦ ସଭ୍ୟ ନିର୍ବାଚିତ ହୋଇଛନ୍ତି। ମୋଟ ୩୨ ନିର୍ବାଚିତ ଜନ ପ୍ରତିନିଧିଙ୍କ ମଧ୍ୟରେ ଚଳିତଥର ୨୨ଜଣ ମହିଳା ଅଛନ୍ତି। ଜିଲା ପରିଷଦ ଜୋନ୍ ୨ରୁ ଚନ୍ଦ୍ରକାନ୍ତି ଦନ୍ତା ସଦସ୍ୟା ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଉଫୁଲା ପଞ୍ଚାୟତରୁ ଶ୍ରୀୟା କର୍ମୀ ସରପଞ୍ଚ, ଜଟେସିଙ୍ଘା ପଞ୍ଚାୟତରୁ ସୁନିତା ପ୍ରଧାନ, ହିଲୁଙ୍ଗ ପଞ୍ଚାୟତରୁ ବନିତା ସେଠୀ ସରପଞ୍ଚ ଭାବେ ବିଜୟୀ ହୋଇଛନ୍ତି। ବାଗବର ପଞ୍ଚାୟତରୁ ନିରୁପମା ବଗର୍ତ୍ତି ସରପଞ୍ଚ ଓ ବବିତା ବାଘ ସମିତିସଭ୍ୟା ରୂପେ ନିର୍ବାଚିତ ହୋଇଛନ୍ତି। ମୁର୍ଷୁଣ୍ଡି ପଞ୍ଚାୟତରୁ ରୀତା ଗର୍ଡିଆ, ଜଟେସିଙ୍ଘା ପଞ୍ଚାୟତରୁ ରଶ୍ମିତା ପାଣ୍ଡେ ସମିତି ସଭ୍ୟା ନିର୍ବାଚିତ ହୋଇଛନ୍ତି। କମିରା ପଞ୍ଚାୟତରୁ ଅନସୂୟା ପଧାନ ସରପଞ୍ଚ ଓ ଶିଳନ୍ତି ମୁଣ୍ଡା ସମିତିସଭ୍ୟା, କେନଝିରିଆପାଲି ପଞ୍ଚାୟତରୁ ସସ୍ମିତା ଦୀପ ସରପଞ୍ଚ ଓ ସୁଷମା ସେଠୀ ସମିତିସଭ୍ୟା, ଖଣ୍ଡହତା ପଞ୍ଚାୟତରୁ ଜୟଶ୍ରୀ ଦେହୁରୀ ସରପଞ୍ଚ ଓ ତନୁଜା ରଣବନସିଆ ସମିତିସଭ୍ୟା, ଦୁର୍ଜନତୈଲା ପଞ୍ଚାୟତରୁ ବିଷ୍ଣୁପ୍ରିୟା କୁମ୍ଭାର ସରପଞ୍ଚ ଓ ଇତିଶ୍ରୀ ପଧାନ ସମିତିସଭ୍ୟା, ବହଳପଦର ପଞ୍ଚାୟତରୁ ନିରୁପମା ସେଠୀ ସରପଞ୍ଚ ଓ ସୁଗନ୍ଧା ଘିବିଲା ସମିତିସଭ୍ୟା, ସଂଗ୍ରାମପୁର ପଞ୍ଚାୟତରୁ ସରପଞ୍ଚ ଭାବେ ଅଳକା କର୍ମୀ ବିଜୟୀ ହୋଇଛନ୍ତି। ସୁବଳୟା ପଞ୍ଚାୟତରୁ ଲିଲି ମେହେର ଓ ଲୁତୁରପଙ୍କ ପଞ୍ଚାୟତରୁ ଶାନ୍ତି ଲୁହା ସମିତିସଭ୍ୟା ଭାବେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ଲୁତୁରପଙ୍କ ସମିତିସଭ୍ୟା ଶାନ୍ତି ଲୁହା ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୌଡ଼ରେ ଥିବା ଚର୍ଚ୍ଚା ହେଉଛି।

**ବୀରମହାରାଜପୁର ବ୍ଲକ**

## ବାଲ୍ୟବିବାହ ନିରୋଧୀ ସଚେତନତା କାର୍ଯ୍ୟକ୍ରମ

**ଅମରପାଲି, ୫।୩(ଡି.ଏନ୍.ଏ.)**


ବାଲ୍ୟବିବାହ ନିରୋଧୀ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀମାନେ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ହାଇସ୍କୁଲରେ ବାଲ୍ୟବିବାହ ନିରୋଧୀ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ଓ ବାଲ୍ୟବିବାହ ନିଷେଧ ଅଧିକାରୀ ତଥା ସିଡିପିଓ ଜ୍ୟୋତ୍ସ୍ନାମୟୀ ପଣ୍ଡା, ପୀତାମ୍ବର ସାହୁ, ବିମ୍ବାଧର ସାହୁ ଓ ଚାଇଲ୍ଡଲାଇନ ପ୍ରତିନିଧି ସୁଦାମ ଗାଇଗାରିଆ ଅତିଥିଭାବେ ଯୋଗଦେଇଥିଲେ। ବକ୍ତାମାନେ ବାଲ୍ୟବିବାହର କୁପରିଣାମ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀମାନେ ବାଲ୍ୟବିବାହ ସଚେତନତା ନେଇ ଏକ ଏକାଙ୍କିକା ପ୍ରଦର୍ଶନ କରିଥିଲେ। ଏଥିସହ ସୋନପୁର ଜିଲା ପଲିଟେକ୍‌ନିକ୍ ଓ ଆଇଟିଆଇ କେନ୍ଦ୍ରର ଅଧିକାରୀମାନେ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ବିଭିନ୍ନ ବୃତ୍ତି ଅବଲମ୍ବନ ସକାଶେ ଆବଶ୍ୟକ ପରାମର୍ଶ ଦେଇଥିଲେ। ଶିକ୍ଷକ ବ୍ରହ୍ମାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଶ୍ୟାମସୁନ୍ଦର ସେଠୀ, ସସ୍ମିତ ପଧାନ, ପଦ୍ମନାଭ ପଧାନ, କହ୍ନେଇ ଚରଣ ପଧାନ, ନଟବର ରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବୀରମହାରାଜପୁରରେ ବିଜୁ ଜୟନ୍ତୀ

**ଅମରପାଲି, ୫।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବସ୍‌ଷ୍ଟାଣ୍ଡଠାରେ ଶନିବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୬ତମ ଜନ୍ମଦିବସ ପାଳିତ ହୋଇଯାଇଛି। ବସଷ୍ଟାଣ୍ଡଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉପରେ ବିଜେଡି ନେତୃବର୍ଗ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ସଂଯୋଜକ ରଞ୍ଜିତ କୁମାର ରଥ, ଶ୍ରୀନିବାସ ଚାନ୍ଦ, କିଶୋର ହୋତା, ସତ୍ୟଞ୍ଜୀବ ମିଶ୍ର, ଧୀରେନ୍ଦ୍ର ନାରାୟଣ ପଣ୍ଡା, ତୁଳସୀ ଦାସ ହୋତା, ବଶିଷ୍ଟ ପଧାନ, ମଙ୍ଗଳ ପଧାନ, ଶ୍ୟାମ ସୁନ୍ଦର ମହାରଣା, ଆଲୋକ ଦେହୁରୀ, ଚିତ୍ତ ରଞ୍ଜନ ଦାଶ, ସୁରେଶ ଚାନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

## ବରଗଡ଼ରେ ବିଜୁ ଜୟନ୍ତୀ

**ବରଗଡ଼ ଅଫିସ୍,୫।୩**

ବରଗଡ଼ରେ ବିଜେଡ଼ି ପକ୍ଷରୁ ପ୍ରବାଦପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୬ତମ ଜୟନ୍ତୀ ସମାରୋହ ଶନିବାର ପାଳିତ ହୋଇଥିଲା। ଏହି ଅବସରରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବା ସହିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟକୁ ପହଞ୍ଚିଥିଲ।। ସେଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସାଧୁ ନେପାକ, ବରିଷ୍ଠ ନେତା ଅଚ୍ୟୁତାନନ୍ଦ ମହାପାତ୍ର, ଅଶୋକ ଯୋଶୀ, ଅନୂପ ଶତପଥି, ଜ୍ଞାନରଞ୍ଜନ ପୂଜାରୀ, ଉମାଚରଣ ଭଗତ, ଶୟନ ପଣ୍ଡା, କଳ୍ପନା ମାଝି, ବେଦମତୀ ସେଟ, କରନ ସିକନ୍ଦର ପ୍ରମୁଖ ଉପସ୍ଥିତ ଥିଲେ।


ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ବିଜେଡ଼ି କର୍ମୀମାନେ।

## ଗଞ୍ଜେଇ ବୋଝେଇ କାର୍ ଜବତ, ୬ ଗିରଫ

**ଅତାବିରା/ସରଣ୍ଡା,୫।୩**

ବରଗଡ଼ ଜିଲା ଅତାବିରା ପୋଲିସ ଶୁକ୍ରବାର ଗୋଡ଼ଭଗା–ସୋନପୁର ରାସ୍ତାରେ ଏକ ଗଞ୍ଜେଇ ବୋଝେଇ କାର୍ (ନଂ.ଓଡ଼ି୧୪ଏ/୯୬୧୧)କୁ ଜବତ କରିଛି। ସେଥିରୁ ୬୬ କି.ଗ୍ରା ୧୦୦ ଗ୍ରାମ ଗଞ୍ଜେଇକୁ ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଖୁଣ୍ଟିଗୁଡ଼ା ଗ୍ରାମର ବିନୋଦ ସୁନା(୩୧), ତ୍ରିଦେବ ମୁନା(୧୯), ପଙ୍କଜ ମୁନା(୨୨), ମାଳପଡ଼ାର ସଞ୍ଜିତ ତାଣ୍ଡି(୨୩), ବରିଗଭାର ଗୋପବନ୍ଧୁ ମହାନନ୍ଦ(୨୩) ଏବଂ ତମ୍ଭାସିନାର ରାଜୀବ କହଁର(୨୦)। ସେମାନଙ୍କଠାରୁ ଏକ ବାଇକ୍ (ନଂ.ଓଡ଼ି୨୭ବି ୯୩୬୬), ୬ ମୋବାଇଲ ଏବଂ ୧ହଜାର ଟଙ୍କା ଜବତ ହୋଇଛି। ଏ ନେଇ ଅତାବିରା ଥାନାରେ ଏକ ମାମଲା (ନଂ.୮୩/୨୨) ରୁଜୁ ହୋଇଛି। ପୋଲିସ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରି ଅଧିକ ତଦନ୍ତ କରୁଛି।



ଗଞ୍ଜେଇ ବୋଝେଇ କାର୍, ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

# ଦୁର୍ଘଟଣା ହ୍ରାସ ପାଇଁ କଡ଼ାକଡ଼ି ହେବ ଯାଞ୍ଚ

**ସୋନପୁର,୫।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟିର ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲି ସୁନୀଲ ନରୱଣେ ବୈଠକରେ ଅଧ୍ୟକ୍ଷତା କରିଥିଲେ। ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ଆଞ୍ଚଳିକ ପରିବହନ ବିଭାଗ ଓ ଜିଲା ପୋଲିସ ନିରନ୍ତର ଉଦ୍ୟମ ଜାରି ରଖିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅଧିକରୁ ଅଧିକ ବାଇକ୍ ଆରୋହୀ କିଭଳି ହେଲମେଟ ପିନ୍ଧିବେ ଓ ଟ୍ରାଫିକ୍ ନିୟମ ମାନିବେ ସେନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଥିବା ଆର୍‌ଟିଓ ରବିନ ପଟ୍ଟନାୟକ ସୂଚନା ଦେଇଥିଲେ। ନିୟମ ମାନୁ ନ ଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

ଜିଲାରେ ଜାନୁୟାରୀରେ ୧୪ଟି ଦୁର୍ଘଟଣାରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଫେବୃୟାରୀରେ ୧୪ଟି ଦୁର୍ଘଟଣା ଘଟି ୩ଜଣଙ୍କ ମୃତ୍ୟୁ ହୋଇଛି। ପଞ୍ଚାୟତ ନିର୍ବାଚନ ଲାଗି ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ମିଳିତ ଭାବେ ଯାଞ୍ଚ କରାଯାଇପାରିନି। ତେଣୁ ଦୁର୍ଘଟଣା ବୃଦ୍ଧି ପାଇଛି। ୫ ତାରିଖ ଶନିବାରଠାରୁ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଦ୍ରୁତଗତି ଡ୍ରାଇଭିଂ, ଚାରିଚକିଆ ଯାନରେ ସିଟ୍ ବେଲ୍ଟ ନ ବାନ୍ଧିବା, ହେଲମେଟ୍ ପରିଧାନ ନ କରି ବାଇକ୍ ଚଳାଇବା, ବାଇକ୍‌ରେ ତିନିଜଣ ବସି ଯାତାୟାତ କରିବା, ମଦ୍ୟପାନ କରି ଡ୍ରାଇଭିଂ କରିବା, ଜିନିଷ ପରିବହନ ଗାଡ଼ିରେ ଲୋକ ବୁହାହେବା ଓ ଡ୍ରାଇଭିଂ ସମୟରେ ମୋବାଇଲ୍ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମାମଲା ରୁଜୁ କରି ଯାନବାହନ ଜବତ ସହିତ ଆବଶ୍ୟକସ୍ଥଳେ ଆଇନ ଉଲ୍ଲଂଘନକାରୀଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଜୀବନ ମୂଲ୍ୟବାନ, ତେଣୁ ଜିଲାରେ ସଡ଼କ ଦୁର୍ଘଟଣା ଓ ତଜ୍ଜନିତ ମୃତ୍ୟୁସଂଖ୍ୟା ହ୍ରାସ ପାଇଁ ଯାଞ୍ଚ କଡ଼ାକଡ଼ି କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ନିଶା ସେବନ ସହ ମୋବାଇଲ ଫୋନ ବ୍ୟବହାର କରିବା ଓ ଦ୍ରୁତଗତିରେ ଡ୍ରାଇଭିଂ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ହୋଇଛି। ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାଗୁଡିକୁ ଆବଶ୍ୟକସ୍ଥଳେ ମରାମତି କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗୁଡ୍ ସମାରିଟାନ୍ସ ପଲିସିକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ଏବଂ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ମିଳିତ ଭାବେ ଜିଲାବ୍ୟାପୀ ଯାନବାହନ ଯାଞ୍ଚ ଏକ ସମୟରେ କରାଯିବାକୁ ନିଷ୍ପତ୍ତି ହୋଇଛି। ଡିଏସ୍‌ପି କୁମାରୀ ଜିସା, ସୋନପୁର ଏସ୍‌ଡିପିଓ ପୁଷ୍ପାଞ୍ଜଳି ନିଙ୍ଗ, ବୀରମହାରାଜପୁର ଏସ୍‌ଡିପିଓ ଡୋଳାମଣି ଭୋଇ, ଏଆର୍‌ଟିଓ ଶିବାଶିଷ ସାହୁ, କମିଟି ସଭ୍ୟ ମୃତ୍ୟୁଞ୍ଜୟ ଶତପଥୀ, ଅନଙ୍ଗ ନେଗୀ ଓ ଜୁନିୟର ଏମ୍‌ଭିଆଇ ଲୋକନାଥ ନାୟକ ବୈଠକରେ ଉପସ୍ଥିତ ଥିଲେ।


ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକରେ ଉପସ୍ଥିତ ଅଧିକାରୀ ଓ ସଭ୍ୟବୃନ୍ଦ।